

# ଭୁବନେଶ୍ୱର ସିଟି

# ଏଲ୍‌ପିଜି ବୁକିଂକୁ କେନ୍ଦ୍ରକରି ଉତ୍ତେଜନା

ଭୁବନେଶ୍ୱର, ୨୮।୩(ସମିସ): ରାଜଧାନୀ ଭୁବନେଶ୍ୱରରେ ଏଲପିଜି ସଂକଟ କ୍ରମଶଃ ଗଭୀର ହେବାରେ ଲାଗିଛି। ସୁନ୍ଦରପଦା ଅଞ୍ଚଳରେ ଗ୍ରାହକମାନେ ମାସେ ପୂର୍ବରୁ ଗ୍ୟାସ ବୁକିଂ କରିଥିଲେ ବି ଶନିବାର ସୁଦ୍ଧା ସିଲିଣ୍ଡର ମିଳୁନି। ବହୁ ସଂଖ୍ୟାରେ ଗ୍ରାହକଙ୍କ ଦ୍ୱାରା ବୁକିଂ ହୋଇଥିଲା ସିଲିଣ୍ଡର ଏଜେନ୍ସି ପକ୍ଷରୁ ବିକ୍ରି କରି ଦିଆଯାଉଥିବା ଅଭିଯୋଗ ହେଉଛି। ଫଳରେ ସିଲିଣ୍ଡର ପାଉ ନ ଥିଲେ ମଧ୍ୟ ଡେଲିଭରି ମେସେଜ୍

**■ ରାସ୍ତାକୁ ଓହ୍ଲାଇଲେ ଅସନ୍ତୁଷ୍ଟ ଉପଭୋକ୍ତା**
**■ ପଛପଟେ ଲୁଚି ପଳେଇଲେ ଏଜେନ୍ସି କର୍ମଚାରୀ**



ଆସି ଯାଉଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିବା ବେଳେ ଲୋକେ ଗ୍ୟାସ ଟାଙ୍କି ମୁଣ୍ଡାଇ ଏଜେନ୍ସି ନିକଟକୁ ଆଣିବା ସହ ଟାଙ୍କି ନମିଳିବାରୁ ରାସ୍ତାରେ ରଖି ଅସନ୍ତୋଷ ବ୍ୟକ୍ତ କରିଥିଲେ। ପରିସ୍ଥିତି ବିଗିଡ଼ିବାରୁ ଏଜେନ୍ସି ଅଧିକାରୀମାନେ ଅଫିସ୍ ବନ୍ଦ କରି ପଳାଇ ଯାଇଥିଲେ। ଏହା ପରେ ଏୟାରଫିଲ୍ଡ ଥାନାରେ ଠକେଇ ମାମଲା ରୁଜୁ ହୋଇଛି। ପୁଲିସ ତଦନ୍ତ ଆରମ୍ଭ କରିଛି। ସୁନ୍ଦରପଦା ଗ୍ୟାସ ଡିପୋ ଆଖପାଖରେ ଗ୍ରାହକଙ୍କ ଭିଡ଼ ଲାଗିଛି।

ଅନେକ ଗ୍ରାହକ କହିଛନ୍ତି, ମାସେ ଆଗରୁ ଟଙ୍କା ଦେଇ ବୁକିଂ କରିଛୁ। କିନ୍ତୁ ଗ୍ୟାସ ଆସୁନି। ଘରେ ରୋଷେଇ କରିବା କଷ୍ଟକର ହୋଇପଡ଼ିଛି। କେତେକ ସ୍ଥାନରେ ଗ୍ୟାସ ଏଜେନ୍ସି ଆଗରେ ଲମ୍ବା ଧାଡ଼ି ଲାଗିଥିବାବେଳେ ଡେଲିଭରି ସେବା ପ୍ରଭାବିତ ହୋଇଛି। ଏହି ସଙ୍କଟ କେବଳ ସୁନ୍ଦରପଦାରେ ସୀମିତ ନୁହେଁ ବୋଲି ଲୋକେ କହିଛନ୍ତି। ତଥ୍ୟ ଅନୁଯାୟୀ, ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଗ୍ୟାସ ଯୋଗାଣ ବ୍ୟାହତ ହୋଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଆନ୍ତର୍ଜାତୀୟ ସ୍ତରରେ ଏଲପିଜି ଯୋଗାଣ ପ୍ରଭାବିତ ହୋଇଥିବାରୁ ଦେଶବ୍ୟାପୀ ସଙ୍କଟ ଦେଖାଦେଇଛି।

ଭୁବନେଶ୍ୱରରେ ଏଜେନ୍ସି ଓ ଗ୍ୟାସ ଡିପୋରେ ଲୋକଙ୍କ ଭିଡ଼ ବଢ଼ିଛି। ହୋଟେଲ-ରେଷ୍ଟୁରାଣ୍ଟରେ କାଠ ଚୁଲା ବ୍ୟବହାର ଆରମ୍ଭ ହୋଇଛି। କେତେକ ସ୍ଥାନରେ ଗ୍ୟାସ ଡେଲିଭରି ପାଇଁ ରାତିରୁ ଲାଇନ୍ ଲାଗୁଥିବା ନଜରକୁ ଆସିଛି। ରାଜ୍ୟ ସରକାର ଏବଂ କେନ୍ଦ୍ର ଯୋଗାଣ ବିଭାଗ ପକ୍ଷରୁ ସ୍ଥିତି ସମୀକ୍ଷା କରାଯାଉଛି ବୋଲି ଜଣାପଡ଼ିଛି। ଗ୍ରାହକମାନେ ଶୀଘ୍ର ସମାଧାନ ଦାବି କରିଛନ୍ତି। ଯଦି ସଙ୍କଟ ଜାରି ରହେ ତେବେ ରୋଜଗାରୀ ଏବଂ ଦୈନନ୍ଦିନ ଜୀବନ ଉପରେ ଆହୁରି ପ୍ରଭାବ ପଡ଼ିବ। ଗ୍ରାହକମାନେ ଏଜେନ୍ସିକୁ କଳାବଜାର କରୁଥିବା ଅଭିଯୋଗ ଆଣିଛନ୍ତି। ଅନେକ ଗ୍ରାହକ ଜାନୁଆରୀ ମାସରୁ ଗ୍ୟାସ ବୁକିଂ କରି ଫେବୃଆରୀ ୧୧ରେ ଡେଲିଭରି ମେସେଜ୍ ପାଇଥିଲେ ବି ଏପର୍ଯ୍ୟନ୍ତ ସିଲିଣ୍ଡର ମିଳିନାହିଁ।

ଭୋର ୪ଟାରୁ ଧାଡ଼ିରେ ଛିଡ଼ା ହେବା ପରେ ମଧ୍ୟ ଗ୍ୟାସ ମିଳୁନାହିଁ। ଏଜେନ୍ସି କଳାବଜାର କରୁଛି। ବୁକିଂ କରିଥିବା ସିଲିଣ୍ଡରଗୁଡ଼ିକୁ ଏଜେନ୍ସି ଅନ୍ୟତ୍ର ବେଆଇନ ଭାବେ ବିକ୍ରି କରୁଥିବାର ନେଇ ଅଭିଯୋଗ ହୋଇଥିବାବେଳେ ସକାଳୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ଏଜେନ୍ସି ଅଧିକାରୀ ଅଫିସ୍ ବନ୍ଦ କରି ଛୁ ମାରିଥିଲବା ସାମ୍ନାକୁ ଆସିଛି। ଗ୍ରାହକମାନେ ଥାନାରେ ଅଭିଯୋଗପରେ ଏୟାରଫିଲ୍ଡପୁଲିସ୍ ଠକେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ରାଜଧାନୀରେ ଗ୍ୟାସ ସଙ୍କଟର ଚିତ୍ର ବୟାନ କରୁଛି। ସୁନ୍ଦରପଦା ସମେତ ବିଭିନ୍ନ ଅଞ୍ଚଳରେ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି। ଯଦି ଏହି ସ୍ଥିତି ଜାରି ରହେ ତେବେ ଦୈନନ୍ଦିନ ଜୀବନ ଉପରେ ଆହୁରି ପ୍ରଭାବ ପଡ଼ିବ ବୋଲି କୁହାଯାଇଛି।

## ବେକରେ ଶାଢ଼ି ଲଗାଇ ଯୁବତୀଙ୍କ ଆତ୍ମହତ୍ୟା

ଭୁବନେଶ୍ୱର, ୨୮।୩ (ସମିସ): ବେକରେ ଶାଢ଼ି ଲଗାଇ ଫ୍ୟାନରେ ଝୁଲି ପଡ଼ିଛନ୍ତି ଯୁବତୀ। ତମାଣ୍ଡୋ ଜଗନ୍ନାଥ ମନ୍ଦିର ନିକଟରେ ଏଭଳି ଘଟଣା ଘଟିଛି। ମୃତ ଯୁବତୀ ଜଣକ ହେଲେ ତମାଣ୍ଡୋରେ ରହୁଥିବା ବେଳେ ଗଞ୍ଜାମର ତପସ୍ୱିନୀ ପାତ୍ର(୧୯)।

ସୂଚନା ଅନୁସାରେ, ତପସ୍ୱିନୀଙ୍କ ମାଆ ଦୀର୍ଘଦିନ ହେବ ତମାଣ୍ଡୋ ଗ୍ରାମରେ ରହି ଆସୁଛନ୍ତି। ପ୍ରାୟ ଏକମାସ ପୂର୍ବେ ତପସ୍ୱିନୀ ଏଠାକୁ ଆସି ରହୁଥିଲେ। ସବୁଦିନ ଭଳି ସକାଳୁ ମାଆ କାମକୁ ବାହାରିଯିବା ପରେ ତପସ୍ୱିନୀ ଘରେ ଏକାକୀ ଥିଲେ। ଅପରାହ୍ଣରେ ଘରକୁ ଫେରିବା ବେଳକୁ ତପସ୍ୱିନୀଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମାଆଙ୍କ ଅଭିଯୋଗ ଆଧାରରେ ତମାଣ୍ଡୋ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଗହଣା ଭର୍ତ୍ତି ବ୍ୟାଗ୍ ଫେରାଇଲେ ଅଟୋଚାଳକ

ଭୁବନେଶ୍ୱର, ୨୮।୩ (ସମିସ): ଅଟୋ ଡ୍ରାଇଭର ସନ୍ତୋଷ କୁମାର ସାହୁଙ୍କ ମହାନତା ଦେଖିବାକୁ ମିଳିଛି। ଯାତ୍ରୀଙ୍କ ସୁନାଗହଣା ଭର୍ତ୍ତି ବ୍ୟାଗ୍ ଫେରାଇ ନିଜ ସଚ୍ଚୋଟତାର ପ୍ରମାଣ ଦେବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।



ସାଲିଆସାହିର ସନ୍ତୋଷ ଅଟୋ ଚଳାଇ ପରିବାର ପୋଷଣ କରନ୍ତି। ଶନିବାର ଅପରାହ୍ଣରେ କଟକରେ ରହୁଥିବା ବାଲେଶ୍ୱରର ସୁଚିସ୍ମିତା ଦେ ଜୟଦେବ ବିହାର ଛକରୁ ସନ୍ତୋଷଙ୍କ ଅଟୋରେ ବସିଥିଲେ। ସୁଚିସ୍ମିତା ପଟିଆ ଛକରେ ଓହ୍ଲାଇ ପଡ଼ିଥିବା ବେଳେ ଅଟୋରେ ତାଙ୍କ ବ୍ୟାଗ୍ ଛାଡ଼ି ଦେଇଥିଲେ। ଏହାର କିଛି ସମୟ ପରେ ସନ୍ତୋଷ ବ୍ୟାଗଟିକୁ ଯାଞ୍ଚ କରିବାରୁ ଭିତରେ ସୁନା ମଙ୍ଗଳସୂତ୍ର ଓ ସୁନା କାନଫୁଲ ଥିଲା। ସେଥିରେ ଥିବା ବିଲରୁ ମୋବାଇଲ ନମ୍ବର ପାଇ ସୁଚିସ୍ମିତାଙ୍କୁ ଯୋଗାଯୋଗ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇନଥିଲା। ଶେଷରେ ସନ୍ତୋଷ ମୈତ୍ରୀ ବିହାର ଥାନାକୁ ଆସି ଘଟଣା ସମ୍ପର୍କରେ ଜଣାଇବା ସହ ସୁନାଗହଣା ଭର୍ତ୍ତି ବ୍ୟାଗ୍ ହସ୍ତାନ୍ତର କରିଥିଲେ। ପୁଲିସ ସୁଚିସ୍ମିତାଙ୍କୁ ଯୋଗାଯୋଗ କରି ଥାନାକୁ ଡକାଇଥିଲା। କାଗଜପତ୍ର ଯାଞ୍ଚ ପରେ ମାଲିକାନା ସ୍ପଷ୍ଟ ହୋଇଥିଲା। ଏହାପରେ ସନ୍ତୋଷ ପୁଲିସ ଉପସ୍ଥିତରେ ସୁନାଗହଣା ଓ ବ୍ୟାଗକୁ ସୁଚିସ୍ମିତାଙ୍କୁ ହସ୍ତାନ୍ତର କରିଥିଲେ। ସନ୍ତୋଷ ଲୋଭର ବଶବର୍ତ୍ତୀ ନହୋଇ ଅଟୋରୁ ପାଇଥିବା ଯାତ୍ରୀଙ୍କ ସୁନାଗହଣା ଭର୍ତ୍ତି ବ୍ୟାଗ୍ ଫେରାଇ ଥିବାରୁ ମୈତ୍ରୀ ବିହାର ଥାନା ଅଧିକାରୀ ରବି ନାରାୟଣ ବେହେରା ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଏପ୍ରିଲ୍ ୨ ରେ 'କଳା ଦିବସ' ପାଳନ ପାଇଁ ଆହ୍ୱାନ

ଭୁବନେଶ୍ୱର, ୨୮।୩(ସମିସ): କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ୪ଟି ଶ୍ରମ କୋଡ୍‌କୁ ବାତିଲ କରିବା ଦାବିରେ ଆସନ୍ତା ଏପ୍ରିଲ୍ ୨ ତାରିଖକୁ ସମଗ୍ର ଓଡ଼ିଶାରେ 'କଳା ଦିବସ' ପାଳନ କରାଯିବ। ଏହି ନିଷ୍ପତ୍ତି ଦେଶର ପ୍ରମୁଖ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଯଥା ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଟୁ, ଏଆଇୟୁଟିୟୁସି, ଟିୟୁସିସି ଓ ଏଲ୍‌ପିଏଫ୍‌ର ମିଳିତ ସଂଘ ପକ୍ଷରୁ ନିଆଯାଇଛି। ସୂଚନାଯୋଗ୍ୟ ଯେ, ସମଗ୍ର ଦେଶରେ ଏହି 'କଳା ଦିବସ' ଏପ୍ରିଲ୍ ୧ ତାରିଖରେ ପାଳନ କରାଯାଉଥିବା ବେଳେ ଓଡ଼ିଶାରେ 'ଉତ୍କଳ ଦିବସ' ଥିବାରୁ ଏହାକୁ ସମ୍ମାନ ଜଣାଇ ରାଜ୍ୟ ଶ୍ରମିକ ସଂଗଠନଗୁଡ଼ିକ ଏହି ପ୍ରତିବାଦକୁ ଏପ୍ରିଲ୍ ୨ ତାରିଖରେ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବୈଠକରେ ଦୁଷ୍ମନ୍ତ ଦାସଙ୍କ ଅଧ୍ୟକ୍ଷତାରେ କରିଥିବା ବେଳେ ଶ୍ୟାମସୁନ୍ଦର ମହାପାତ୍ର, ବିଜୟ ଜେନା, ବିଷ୍ଣୁ ମହାନ୍ତି, ଜୟସେନ ମେହେର, ମହେନ୍ଦ୍ର ପରିଡ଼ା ଭାଗ ନେଇଥିଲେ।

● ଭୁବନେଶ୍ୱର ଓକିଲ ସଂଘ ନିର୍ବାଚନ

## ଅଶୋକ ସଭାପତି ଓ ସୁମନ ସମ୍ପାଦକ



ଭୁବନେଶ୍ୱର, ୨୮।୩ (ସମିସ): ଭୁବନେଶ୍ୱର ଓକିଲ ସଂଘର ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପରେ ଶନିବାର ସନ୍ଧ୍ୟାରେ ଫଳାଫଳ ଘୋଷଣା ହୋଇଛି। ଏଥିରେ ସଭାପତି ଭାବେ ଅଶୋକ ଛୋଟରାୟ ନିର୍ବାଚିତ ହୋଇଥିବା ବେଳେ ସମ୍ପାଦକ ଭାବେ ସୁମନ ରାଉତରାୟ ବିଜୟଲାଭ କରିଛନ୍ତି। ସେହିପରି ସଂଘର ଉପସଭାପତି ଭାବେ ସୁଶାନ୍ତ ଦାଶ, କୋଷାଧ୍ୟକ୍ଷ ଭାବେ ହିତେନ ନାୟକ, ଯୁଗ୍ମ ସମ୍ପାଦକ ଭାବେ ସଙ୍ଗୀତା ପଟ୍ଟନାୟକ ଓ ସହ ସମ୍ପାଦକ ଭାବେ ଜ୍ୟୋତିର୍ମୟୀ ପଣ୍ଡା ନିର୍ବାଚନରେ ବିଜୟ ଲାଭ କରିଛନ୍ତି। ଏକ୍ସିକ୍ୟୁଟିଭ୍ ବଡି ମେମ୍ବର(ପୁରୁଷ) ଭାବେ ଅକ୍ଷୟ କୁମାର ଦାସ, ଅନୁପ କୁମାର ରାୟ, ଦିବ୍ୟ ରଞ୍ଜନ ନରେନ୍ଦ୍ର, ପ୍ରଦୀପ କୁମାର ପାଲ୍, ସୁବ୍ରତ ସେନାପତି ଏବଂ ସୁଶାନ୍ତ କୁମାର ଗୌଡ଼ଙ୍କୁ ନିର୍ଦ୍ୱନ୍ଦରେ ନିର୍ବାଚିତ କରାଯାଇଛି। ସେହିପରି ମହିଳା ଏକ୍ସିକ୍ୟୁଟିଭ୍ ବଡ଼ି ସଦସ୍ୟା ଭାବେ ପ୍ରମିଳା ଜାଲି ଏବଂ ପୁଷ୍ପାଞ୍ଜଳୀ ପଟ୍ଟନାୟକଙ୍କୁ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି।

ସେହିପରି ଭୁବନେଶ୍ୱର ଟ୍ୟାକ୍ସ ବାର ଆସୋସିଏସନ ନିର୍ବାଚନରେ ସଭାପତି ଭାବେ ଗୌର ପ୍ରସାଦ ରଥ, ଉପସଭାପତି ଭାବେ ଉପେନ୍ଦ୍ର କୁମାର ପଟ୍ଟନାୟକ, ସମ୍ପାଦକ ଭାବେ ପ୍ରଶାନ୍ତ କୁମାର ଶତପଥୀ, ଯୁଗ୍ମ ସମ୍ପାଦକ ଭାବେ ବିଶ୍ୱଜିତ ପଟ୍ଟନାୟକ, ସହ ସମ୍ପାଦକ ଭାବେ ସୁଶୀଳ କୁମାର ସାମନ୍ତରାୟ ଓ କୋଷାଧ୍ୟକ ଭାବେ ସୁମନ୍ତ କୁମାର ଆଚାର୍ଯ୍ୟ ନିର୍ବାଚିତ ହୋଇଛନ୍ତି।

## ମହାବୀର ଜୁଏଲର୍ସରୁ ଡକାୟତି ଯୋଜନା ପଣ୍ଡ

ଭୁବନେଶ୍ୱର, ୨୮।୩ (ସମିସ): ମହାବୀର ଜୁଏଲର୍ସରୁ ଡକାୟତି ପାଇଁ ହେଉଥିବା ଯୋଜନାକୁ ପଣ୍ଡ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଜୋକ ପୋଖରୀ ନିକଟରୁ ୪ ଜଣଙ୍କୁ ଗିରଫ କରିବା ସହ ବିଭିନ୍ନ ଯନ୍ତ୍ରପାତି ଜବତ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି, ଲକ୍ଷ୍ମୀସାଗର ଲେଙ୍କା ସାହିର କାହ୍ନା ଲେଙ୍କା (୨୫), ପ୍ରଧାନ ସାହିର ଓମ୍ ଶ୍ରୀ ସାଇ ଆର୍ଶୀବାଦ ଓରଫ୍ ରାମପାଲ୍ (୨୨), ତଳ ସାହିର ବଳିଆ ଓରଫ୍ ବଳରାମ ଭୋଇ (୨୧) ଓ ରାଉତ ସାହିର ସୁମନ ଓରଫ୍ ବିଶ୍ୱମୋହନ ନାୟକ (୧୮)।



ପୁଲିସ ସୂଚନାନୁଯାୟୀ, ଶୁକ୍ରବାର ରାତିରେ କିଛି ଅପରାଧୀ ଜଗନ୍ନାଥ ନଗର ମୁଖ୍ୟ ରାସ୍ତାରେ ଥିବା ମହାବୀର ଜୁଏଲର୍ସରେ ସଶସ୍ତ୍ର ଡକାୟତି କରିବା ପାଇଁ ଯୋଜନା କରୁଥିବା ନେଇ ଲକ୍ଷ୍ମୀସାଗର ଥାନା ପୁଲିସକୁ ଖବର ମିଳିଥିଲା। ରାତି ୧୨ଟା ବେଳେ ଥାନାର ସ୍ୱତନ୍ତ୍ର ଟିମ୍ ଜୋକ ପୋଖରୀ ନିକଟରେ ଚଢ଼ଉ କରିଥିଲା। ଅପରାଧୀମାନେ ଖଣ୍ଡା ଦେଖାଇ ଭୟଭୀତ କରି ସେଠାରୁ ଖସି ଚାଲି ଯିବାକୁ ଉଦ୍ୟମ କରିଥିଲେ ମଧ୍ୟ ପୁଲିସ ସେମାନଙ୍କୁ ପିଛା କରି ୪ ଜଣଙ୍କୁ ଥାନାକୁ ଉଠାଇ ଆଣିଥିଲା। ହେଲେ ଜଣେ ଅଭିଯୁକ୍ତ ଅନ୍ଧାରର ସୁଯୋଗ ନେଇ ଘଟଣାସ୍ଥଳରୁ ଖସି ପଳାଇଥିଲା। ମାରଣାସ୍ତ୍ର ସହିତ ଏକତ୍ରିତ ହୋଇ ଜଗନ୍ନାଥ ନଗର ସ୍ଥିତ ମହାବୀର ଜୁଏଲର୍ସରେ ଡକାୟତି କରିବା ପାଇଁ ଯୋଜନା କରୁଥିବା ଅଭିଯୁକ୍ତମାନେ ସ୍ୱୀକାର କରିଥିଲେ। ପୁଲିସ ଘଟଣାସ୍ଥଳରେ ଛାନଭିନ କରି ଦୁଇଟି ଲୁହା ଛଡ଼, ଗୋଟିଏ ସ୍କ୍ରୁ-ଡ୍ରାଇଭର, ଗୋଟିଏ ହ୍ୟାକସ୍ ବ୍ଲେଡ୍, ଗୋଟିଏ ଛୁରି, ଗୋଟିଏ ହାତୁଡ଼ି, ଦୁଇଟି ଖଣ୍ଡା, ଦୁଇଟି ଲଙ୍କାଗୁଣ୍ଡ ପ୍ୟାକେଟ୍, ଖାଲି ମଦ ବୋତଲ, ପ୍ଲାଷ୍ଟିକ୍ ଗ୍ଲାସ, ସିଗାରେଟ୍, ଗୋଟିଏ ଦିଆସିଲି ବକ୍ସ, ଗୋଟିଏ ଟର୍ଚ୍ଚ ଲାଇଟ୍ ଓ ଚାରୋଟି କଳା ମୁଖା ଜବତ କରିଥିଲା। ଏନେଇ ଲକ୍ଷ୍ମୀସାଗର ଥାନା ନିଜ ଆଡୁ ମାମଲା ରୁଜୁ ୪ ଜଣଙ୍କୁ ଗିରଫ କରିଛି।

## ଅଜଣା ଗାଡ଼ି ଧକ୍କାରେ ସ୍କୁଟରଆରୋହୀ ମୃତ

ଭୁବନେଶ୍ୱର, ୨୮।୩ (ସମିସ): ଷୋହଳ ନମ୍ବର ଜାତୀୟ ରାଜପଥର ଆଇଗିଣିଆ ଛକରେ ଦୁର୍ଘଟଣା ଘଟିଛି। ଅଜଣା ଗାଡ଼ି ଧକ୍କା ଦେବାରୁ ସ୍କୁଟର ଆରୋହୀ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ କୋଣାର୍କ ଥାନା ଅନ୍ତର୍ଗତ ମାଧିପୁର ମହାବୀର କଲୋନିର ସତ୍ୟନାରାୟଣ ବେହେରା ଓରଫ୍ ଛୋଟୁ (୨୦)। ସୂଚନାନୁସାରେ, ଶୁକ୍ରବାର ରାତି ପ୍ରାୟ ଗୋଟାଏ ବେଳେ ଛୋଟୁ ସ୍କୁଟି ଯୋଗେ ଯାଉଥିଲେ। ସେ ଆଇଗିଣିଆ ଛକରେ ପାଇଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ସେ ଗାଡ଼ିରୁ ଛିଟିକି ପଡ଼ିବା ସହ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା। ଖଣ୍ଡଗିରି ଥାନା ପୁଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଛୋଟୁଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଛୋଟୁଙ୍କ ବାପା ନରେନ୍ଦ୍ର ବେହେରାଙ୍କ ଅଭିଯୋଗ ଆଧାରରେ ପୁଲିସ ଦୁର୍ଘଟଣା ଜନିତ ମାମଲା ରୁଜୁ କରିଥିଲା। ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ମହାନଦୀକୁ ଗଲେ ୧୧ ଘଡ଼ିଆଳ

ଭୁବନେଶ୍ୱର, ୨୮।୩(ସମିସ): ନନ୍ଦନକାନନରୁ ୧୧ଟି ଘଡ଼ିଆଳ କୁମ୍ଭୀର ମହାନଦୀ ସାତକୋଶିଆକୁ ପଠାଯାଇଛି। ପଠାଯାଇଥିବା ୧୧ଟି ଘଡ଼ିଆଳ କୁମ୍ଭୀର ମଧ୍ୟରେ ୫ଟି ଅଣ୍ଡିରା ଓ ୬ଟି ମାଈ କୁମ୍ଭୀର ଅଛନ୍ତି। ସେଗୁଡ଼ିକର ବୟସ ୫ରୁ ୧୦ବର୍ଷ ମଧ୍ୟରେ ହୋଇଥିବା ବେଳେ ଲମ୍ବା ୫ଫୁଟରୁ ୮ ଫୁଟ ରହିଛି। ଏକ ସ୍ୱତନ୍ତ୍ର ଦଳ ଏମାନଙ୍କୁ ଆଜି ସନ୍ଧ୍ୟାରେ ମହାନଦୀକୁ ନିଆଯାଇଥିବା ନନ୍ଦନକାନନର ଜଣେ ଅଧିକାରୀ କହିଛନ୍ତି।

# ଗଞ୍ଜେଇ ଚାଲାଣରେ 'ସୁନ୍ଦରୀ' ମୋହରା

## ସେଲ୍ଫ ଡ୍ରାଇଭିଂ କାର୍‌ରେ ହେଉଥିଲା ଚାଲାଣ



ଭୁବନେଶ୍ୱର, ୨୮।୩(ସମିସ): ମନୋରଞ୍ଜନ ରାଉଳ ଓରଫ ପୁଷ୍ପାର ଗଞ୍ଜେଇ ଚାଲାଣ ଅନ୍ୟମାନଙ୍କ ଠାରୁ ସମ୍ପୂର୍ଣ୍ଣ ଭାବେ ଭିନ୍ନ ଥିଲା। ସୁନ୍ଦରୀ ଯୁବତୀ ଏବଂ ସେଲ୍ଫ ଡ୍ରାଇଭିଂ ଭଡ଼ା କାର୍‌ରେ ଗଞ୍ଜେଇ ଚାଲାଣ କରୁଥିଲା। କଟକ ଏବଂ ଭୁବନେଶ୍ୱରରେ ଖୋଲଇଥିବା ସେଲ୍‌ଫ ଡ୍ରାଇଭିଂ ସେଣ୍ଟର ଗୁଡ଼ିକରୁ ଦାମୀ ଗାଡି ଭଡାରେ ନେଇଥିଲା। ଯାହା ନମ୍ବର ପ୍ଲେଟ୍ ଧଳା ରହୁଥିଲା। ଏହି ଗାଡିରେ ସୁନ୍ଦରୀ ଯୁବତୀଙ୍କୁ ବସାଇ ନିଜେ ଡ୍ରାଇଭର ପାଲଟି ଯାଉଥିଲା। ଫଳରେ ପୁଲିସକୁ ସନ୍ଦେହ ହେବ ନାହିଁ। ଯଦିବି ପୁଲିସ ଅଟକାଇଲା ତେବେ ସୁନ୍ଦରୀ ଯୁବତୀଙ୍କୁ ଦେଖି ପୁଲିସ କର୍ମଚାରୀଙ୍କ ମନ ତରଳି ଯିବ। ଏଭଳି କରି ସେ ଚେକିଂ ବ୍ଲକିଂରୁ ସହଜରେ ଖସି ଯାଇଥିଲା। ତେବେ ସେଲ୍‌ଫ ଡ୍ରାଇଭିଂ କାରରେ ବାରମ୍ବାର ଅପରାଧ ଘଟିବାରୁ ଏହାର ବ୍ୟବସ୍ଥା ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ପୁଷ୍ପାର ଅପରାଧର ତାଲିକା କେବଳ ଗଞ୍ଜେଇ ଚେରା ଚାଲାଣରେ ସୀମିତ ରହି ନଥିଲା। ଦେହ ବ୍ୟବସାୟ, ବ୍ଲାକ୍ ମେଲିଂ ପର୍ଯ୍ୟନ୍ତ ଲମ୍ବିଥିବା ଜବତ ହୋଇଥିବା ଫୋନ୍‌ରୁ ଜଣାପଡ଼ିଛି। ପୁଲିସ ଏହି ମାମଲାର ତଦନ୍ତ କରିବ। ଆବଶ୍ୟକ ପଡ଼ିଲେ ତାକୁ ରିମାଣ୍ଡରେ ଆଣି ପଚରାଉଚରା କରାଯାଇ ପାରେ ବୋଲି ଜଣାପଡ଼ିଛି।

### +୨ ଡ୍ରପ୍‌ଆଉଟ୍‌ରୁ ଗଞ୍ଜେଇ ଚାଲାଣକାରୀ

ମନୋରଞ୍ଜନ ରାଉଳ ଓରଫ ପୁଷ୍ପା କଟକର ଖ୍ରୀଷ୍ଟ କଲେଜରେ ପାଠ ପଢୁଥିଲା। ପରିବାର ଆର୍ଥିକ ସ୍ଥିତି ବି ସେତେଟା ସ୍ୱଚ୍ଛଳ ନଥିଲା। ସବୁ ବେଳେ ଟଙ୍କା କମାଇବା ସ୍ୱପ୍ନରେ ପାଠ ପ୍ରତି ରୁଚି କମି କମି ଗଲା। ଧୀରେ ଧୀରେ କଲେଜ ଯିବା ବନ୍ଦ ହୋଇଗଲା। ପରୀକ୍ଷା ନ ଦେଇ ପାଠ ଘରେ ତାଲା ପକାଇ ଦେଲା। କଲେଜରେ ଜଣେ ଝିଅକୁ ପ୍ରେମ କରୁଥିଲା। ପ୍ରେମରେ ବିଫଳ ହେବା ପରେ ସେ ପାଠ ସମ୍ପୂର୍ଣ୍ଣ ଛାଡି ଗଞ୍ଜେଇ ଓ ଦେହ ବ୍ୟବସାୟକୁ ଢାଲ କରି ରାତାରାତି କୋଟିପତି ହେବାକୁ ଉଦ୍ୟମ କରୁଥିଲା। ପରବର୍ତ୍ତି ସମୟରେ ସେ ରାଜ୍ୟର ଏକ ବଡ଼ ଗଞ୍ଜେଇ ଚେରା ଚାଲାଣକାରୀ ଭାବେ ଉଭା ହୋଇଥିଲା।

### ଫାଷ୍ଟଫୁଡ୍ ଦୋକାନରୁ ଅପରାଧରେ ଏଣ୍ଟ୍ରି

ଛତିଆ ପାଖରେ ପୁଷ୍ପାର ବାପାଙ୍କର ଏକ ଫାଷ୍ଟଫୁଡ୍ ଦୋକାନ ଥିଲା। ଏଠାରେ ସେ ବସୁଥିଲା। ଏଠାରେ ଜଣେ ଗଞ୍ଜେଇ ଚାଲାଣକାରୀ ସହ ତାର ପରିଚୟ ହୋଇଥିଲା। ଏହି ଗ୍ୟାଙ୍ଗ୍‌ରେ ସେ ସାମିଲ ହୋଇଯାଇଥିଲା। ଫୁଲବାଣୀରୁ ସୋମାନେ କିପରି ଗଞ୍ଜେଇ ଆସେ। କାହାକୁ କେତେ ଦାମ୍‌ରେ ବିକ୍ରି କରନ୍ତି ସବୁ କିଛି ଶିଖିବା ପରେ ନିଜେ ଗଞ୍ଜେଇ କାରବାର ସିଧାସଳଖ କରିବା ଆରମ୍ଭ କରିଥିଲା। ଏଣୁ ଉକ୍ତ ଗ୍ୟାଙ୍ଗ ତାକୁ ଫୁଲବାଣିରେ ପୁଲିସ ହାତରେ ଧରାଇ ଦେଇଥିଲା। ହେଲେ ଦେଢ ମାସ ଜେଲରେ ରହି ସେ ସେଠାରୁ ଜାମିନରେ ମୁକୁଳିଥିଲା। ଏହା ପର ଠାରୁ ସେ ଗଞ୍ଜେଇ ଚାଲାଣକାରୀ ଭାବେ ଉଭା ହୋଇଥିଲା।

### ଆମ୍ବୁଲାନ୍ସ ଆସିବାରୁ ବରମୁଣ୍ଡାରୁ ଖସି ଯାଇଥିଲା

ମନୋରଞ୍ଜନକୁ ଧରିବାକୁ ଅବକାରୀ ବିଭାଗ ଗତ ୧୭ ତାରିଖରେ ବିଳମ୍ବିତ ରାତିରେ ବରମୁଣ୍ଡା ଫ୍ଲାଏ ଓଭରରେ ଜାଲ ବିଛାଇଥିଲା। ଏକାଧିକ ଟ୍ରକ୍ ରଖାଯାଇ ରାସ୍ତା ଅବରୋଧ କରାଯାଇଥିଲା। ସବୁ ପ୍ରସ୍ତୁତି ଶେଷ ହୋଇଥିଲା। ହେଲେ ଠିକ୍ ସମୟରେ ଆମ୍ବୁଲାନ୍ସ ଆସିଗଲା। ବାଧ୍ୟ ହୋଇ ଅବକାରୀ ବିଭାଗ ଗୋଟିଏ ଟ୍ରକ୍‌କୁ ହଟାଇ ରାସ୍ତା ଅବରୋଧ ହଟାଇଥିଲା। ଏହି ରାସ୍ତାରେ ଆମ୍ବୁଲାନ୍ସକୁ ଢାଲ କରି ସେ ଖସିଯିବାକୁ ସକ୍ଷମ ହୋଇଥିଲା। ଜଣେ ଅବକାରୀ ଆଇଆଇସି ତାଙ୍କୁ ଅଟକାଇବାରୁ ସେ ତାଙ୍କୁ ଧକ୍କା ଦେଇଥିଲା। ଗାଡିକୁ ବି ପିଟି ଦେଇଥିଲା।

### ଡ୍ରେନ୍ ଉପରେ ଚଢ଼ାଇ ଖୋର୍ଦ୍ଧାରୁ ଖସିଗଲା

ମନୋରଞ୍ଜନ କନ୍ଧମାଳରୁ ଆସୁଥିବା ନେଇ ଅବକାରୀ ବିଭାଗ ଜାଣି ପାରିବା ପରେ ଖୋର୍ଦ୍ଧା ପର୍ଯ୍ୟନ୍ତ ଯାଇଥିଲା। ଏକ ନ୍ୟାରୋ ରାସ୍ତାକୁ ଅବରୋଧ କରାଯାଇ ବ୍ଲକିଂ କରାଯାଇଥିଲା। ହେଲେ ସେ ପୁଣି ଥରେ ଅବକାରୀ ବିଭାଗକୁ ଚକମା ଦେଇଥିଲା। ଏକ ଡ୍ରେନ୍ ସ୍ଲାବ୍ ଉପରେ ଚଢାଇ ଦାମୀ କାର୍‌କୁ ପାଚେରିରେ ଘସି ଚାଲିଯାଇଥିଲା। ଅବକାରୀ ବିଭାଗ ତାର ଗାଡି ଡ୍ରାଇଭିଂ ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇଥିଲେ।

### ସୁନ୍ଦରୀଙ୍କୁ ଫସାଉଥିଲା, ଅଶ୍ଳୀଳ ଭିଡିଓରେ ବ୍ଲାକ୍‌ମେଲ୍ କରୁଥିଲା

ମନୋରଞ୍ଜନ ସବୁ ବେଳେ ସିନେମା ହିରୋର ଗେଟ୍ ଅପ୍‌ରେ ରହୁଥିଲା। ସମ୍ଭ୍ରାନ୍ତ ଘରର ସୁନ୍ଦରୀ ଝିଅ ମାନଙ୍କୁ ବିଭିନ୍ନ ସୋସିଆଲ ମିଡ଼ିଆ ସାଇଟ୍‌ରେ ପଟାଉଥିଲା। ଦାମୀ ଉପହାର ଦେଇ ଏହି ଝିଅ ମାନଙ୍କ ନିକଟତ ହେଉଥିଲା। ଶେଷରେ ଏହି ଝିଅମାନଙ୍କୁ ହୋଟେଲ କିମ୍ବା ଭଡା ଘରକୁ ନେଇ ଶାରିରୀକ ସମ୍ବନ୍ଧ ରଖୁଥିଲା। ପରେ ଏହି ଝିଅମାନଙ୍କୁ ଦେହ ବ୍ୟବସାୟରେ ଲିପ୍ତ କରାଉଥିଲା। ନ ହେଲେ ବ୍ଲାକ୍ ମେଲିଂ କରି ମୋଟା ଅଙ୍କର ର୍‌ୟାନସମ୍ ଆଦାୟ କରୁଥିଲା। ବହୁ ଝିଅଙ୍କ ସହ ସେ ଏଭଳି କରିଥିବା ଜଣାପଡ଼ିଛି। ଅବକାରୀ ବିଭାଗ ମନୋରଞ୍ଜନ ନିକଟରୁ ଏକ ଫୋନ୍ ଜବତ କରିଛି। ଯେଉଁଥିରେ ୩୦ରୁ ଊର୍ଦ୍ଧ୍ୱ ଯୁବତୀଙ୍କ ନଗ୍ନ ଭିଡିଓ ରହିଛି ବୋଲି ସୂଚନା ମିଳିଛି।

## ଧରାପଡ଼ିଲା ପୁଷ୍ପା

ଭୁବନେଶ୍ୱର, ୨୮।୩(ସମିସ): ରାଜଧାନୀର କୁଖ୍ୟାତ ଗଞ୍ଜେଇ ବେପାରୀ ମନୋରଞ୍ଜନ ରାଉଳ ଓଫର ଶିବୁନା ଓରଫ ପୁଷ୍ପା ୩ଥର ଅବକାରୀ ବିଭାଗ ହାତରୁ ଫିଲ୍ମ ଷ୍ଟାଇଲ୍ ଚକମା ଦେଇଥିଲା। ହେଲେ ଚତୁର୍ଥ ଥର ଆଉ ତାର ଭାଗ୍ୟ ସାଥ୍ ଦେଲା ନାହିଁ। ଶେଷରେ ଅବକାରୀ ବିଭାଗ ପୁଷ୍ପାକୁ ଟଙ୍କପାଣି ରେଡ୍‌ରେ ମାଡି ବସିଲା। ଟଙ୍କାପାଣି ରୋଡ୍ ସାଇ ମନ୍ଦିର ନିକଟରୁ ପୁଷ୍ପା ଏବଂ ତାର ସହଯୋଗୀ ଅମରଜିତ୍ ପାତ୍ରକୁ ଅବକାରୀ ବିଭାଗ ଗିରଫ କରି ପରେ କୋର୍ଟ ଚାଲାଣ କରିଛି। ଉଭୟଙ୍କ ଠାରୁ ୪୫ କେଜି ଗଞ୍ଜେଇ ଜବତ ଓ ୯ଟି ହାତ ତିଆରି ସୁତୁଲି ବୋମା ଜବତ କରିଛି। ଏହାସହ ଅପରାଧରେ ବ୍ୟବହୃତ ଏକ ମାରୁତି ଗ୍ୟାଣ୍ଡ ଭିଟାରା କାର୍ ଜବତ ହୋଇଛି।

ଅବକାରୀ ଡେପ୍ୟୁଟି ସୁପରିଟେଣ୍ଡେଣ୍ଟ ରାଜ ଶେଖର ସ୍ୱାଇଁଙ୍କ ସୂଚନା ମୁତାବକ, ୨୦୨୫ ମସିହା ଡିସେମ୍ବର ୧୭ ତାରିଖରେ ଅବକାରୀ ବିଭାଗ ଦ୍ୱାରା ରାଜଧାନୀରେ ଗଞ୍ଜେଇ ରେଡ କରାଯାଇଥିଲା। ଯେଉଁଥିରେ ୫୦ କେଜି ଗଞ୍ଜେଇ ଓ ଦୁଇଟି ଦାମୀ କାର୍ ହୋଣ୍ଡା ସିଟି ଏବଂ ହ୍ୟୁଣ୍ଡାଇ କ୍ରେଟା ଜବତ ହୋଇଥିଲା। ହେଲେ ଏହି ସମୟରେ ପୁଷ୍ପା ଖସି ଯାଇଥିଲା। ସେବେଠାରୁ ପୁଷ୍ପା ଅବକାରୀ ବିଭାଗ ରାଡାରକୁ ଚାଲି ଆସିଥିଲା। ୧୭ ମାର୍ଚ୍ଚରେ ଅବକାରୀ ବିଭାଗ ତାକୁ ପୁଣି ଥରେ ଗଞ୍ଜେଇ ଚାଲାଣ କରୁଥିଲା ବେଳେ ଠାବ କରିଥିଲା। ହେଲେ ଜାତୀୟ ରାଜପଥରେ ରାସ୍ ଡ୍ରାଇଭିଂ କରି ସେ ଅନ୍ତର୍ଧ୍ୟାନ୍ ହୋଇଯାଇଥିଲା ପୁଷ୍ପା। ୨୬ ମାର୍ଚ୍ଚରେ ପୁଣି ଥରେ ଜାତୀୟ ରାଜପଥରେ ମାରୁତି ଗ୍ରାଣ୍ଡ ଭିଟାରା କାରରେ ଗଞ୍ଜେଇ ଚେରା ଚାଲାଣ ବେଳେ ପୁଷ୍ପା ଅବକାରୀ ବିଭାଗ ନଜରକୁ ଆସିଥିଲା। ତାକୁ ଧରିବାକୁ ଅବକାରୀ ଟିମ୍ ଭୁବନେଶ୍ୱରରୁ ଗୋଡାଇ ଗୋଡାଇ ଖୋର୍ଦ୍ଧା ପର୍ଯ୍ୟନ୍ତ ଚାଲିଯାଇଥିଲା। ସେଠାରେ ରାସ୍ତା ଅବରୋଧ କରି ଯନ୍ତା ବସାଇଥିଲା। ହେଲେ ସେ ରାସ୍ ଡ୍ରାଇଭିଂ କରି ଗଳି କନ୍ଦିରେ ପସି ଫିଲ୍ମ ଷ୍ଟାଇଟ୍‌ରେ ଖୋର୍ଦ୍ଧାରୁ ଛୁ ମାରିଥିଲା। ଅବକରୀ ବିଭାଗ ଗାଡି ଏବଂ ଅଧିକାରୀଙ୍କୁ ଧକ୍କା ଖୋର୍ଦ୍ଧା ମେଡିକାଲ ଷ୍ଟୋର ପାଖରେ ଧକ୍କା ଦେଇ ସେ ଏଭଳି କାଣ୍ଡ ଘଟାଇବାରେ ସଫଳ ହୋଇଥିଲା।

ହେଲେ ଚୋର ଘର ସବୁବେଳେ ଅନ୍ଧାର ନଥିଲା ଭଳି ୪ର୍ଥ ଥରରେ ପୁଷ୍ପା ଅବକାରୀ ବିଭାଗ ପୁଲିସ ହାତରେ ଧରା ପଡ଼ି ଯାଇଥିଲା। ଅବକାରୀ ବିଭାଗ କର୍ମଚାରୀଙ୍କୁ ଆକ୍ରମଣ



କରିବା ଅଭିଯୋଗରେ କମିସନରେଟ୍ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେ ଦେହ ବ୍ୟବସାୟରେ ଲିପ୍ତ ଥିବା ନେଇ ଅବକାରୀ ବିଭାଗକୁ ପ୍ରମାଣ ମିଳିଛି। ତେବେ ସୁନ୍ଦରୀ ଝିଅ ମାନଙ୍କୁ ଢାଲ କରି ଗଞ୍ଜେଇ ଚୋରା ଚାଲାଣରେ ଲିପ୍ତ ଥିବା ଜେରା ବେଳେ ଅବକାରୀ ବିଭାଗକୁ କହିଛି।

### ନୟାଗଡ଼ରୁ କୋଲକାତା ପର୍ଯ୍ୟନ୍ତ ଗଞ୍ଜେଇ ଚାଲାଣ କରୁଥିଲା

ଗଞ୍ଜେଇ କାରବାର ଜଗତରେ ମନୋରଞ୍ଜନର ବହୁ ବଡ଼ ନାଁ ରହିଛି। ସେ ନୟାଗଡ଼ରୁ କୋଲକାତା ପର୍ଯ୍ୟନ୍ତ ବହୁ ଗଞ୍ଜେଇ ବ୍ୟବସାୟୀଙ୍କ ସମ୍ପର୍କରେ ରହିଛି। ସେମାନଙ୍କୁ ନିୟମିତ ଭାବେ ଗଞ୍ଜେଇ ଯୋଗାଉଥିଲା। ଏହା ସହ କୋଲକତାରୁ ଯୁବତୀ ଚାଲାଣ କରିବା ସହ ଭୁବନେଶ୍ୱର ଏବଂ ରାଜ୍ୟର ଅନ୍ୟ ସହରରେ ଦେହ ବ୍ୟବସାୟ ଚଳାଉଥିବା ଅବକାରୀ ବିଭାଗକୁ ସୁରାକ୍ ମିଳିଛି।

# ଭୁବନେଶ୍ୱର + କଟକ



**ଅନୁକମ୍ପା ନା ଅପାରଗତା**

# ଠିକ୍ ସମୟରେ ଲାଗୁନି ରିମାଣ୍ଡ; ଜାମିନ୍ ପାଉଛନ୍ତି ଅପରାଧୀ



ଭୁବନେଶ୍ୱର, ୨୮।୩ (ସମିସ): ରାଜଧାନୀରେ ଘଟୁଥିବା ସିଂହଭାଗ ଚୋରି, ଲୁଟ୍, ହଣାକଟା ଓ ଠକେଇ ଘଟଣା ପଛରେ ଅଭ୍ୟାସଗତ ଅପରାଧୀଙ୍କ ସମ୍ପୃକ୍ତି ରହିଆସିଛି। ପ୍ରଥମ ମାମଲାରୁ ପୁଲିସ ସେମାନଙ୍କୁ ଗିରଫ କରୁ ନ ଥିବାରୁ ଅଭିଯୁକ୍ତମାନେ ବାରମ୍ବାର ଅପରାଧ ଘଟାଇ ନାକେଦମ୍ କରୁଛନ୍ତି। ଫଳରେ ଗିରଫ ହେବାବେଳକୁ ବିଭିନ୍ନ ଥାନାରେ ତାଙ୍କ ବିରୋଧରେ ମାଳ ମାଳ ମାମଲା ଥିବା କଥା ସାମ୍ନାକୁ ଆସୁଛି। ଗୋଟିଏ ଥାନାରୁ ଅଭିଯୁକ୍ତ କୋର୍ଟ ଚାଲାଣ ହେଉଥିବା ବେଳେ ଅନ୍ୟ ଥାନା ଗୁଡ଼ିକ ତା ବିରୋଧରେ ରିମାଣ୍ଡ ଲଗାଇଥାନ୍ତି। ହେଲେ ଏବେ କିଛିଦିନ ହେବ ଏହି ରିମାଣ୍ଡ ପ୍ରକ୍ରିୟାରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଠିକ୍ ସମୟରେ ରିମାଣ୍ଡ ନ ଲାଗିବାରୁ ଅଭ୍ୟାସଗତ ଅପରାଧୀମାନେ ଜାମିନ୍ ପାଇ ଯାଉଛନ୍ତି। ନିକଟ ଅତୀତରେ ଘଟିଥିବା ଏଭଳି ଦୁଇଟି ଘଟଣା, ଅପରାଧୀଙ୍କ ପ୍ରତି କମିସନରେଟ ପୁଲିସର କୋହଳ ମନୋଭାବକୁ ପ୍ରମାଣିତ କରିଥିଲା। ଏବେ ଆଉଏକ ସମାନ ଘଟଣା ନୂଆପଲ୍ଲୀ ଥାନାର ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ନଥିବା କଥାକୁ ପ୍ରମାଣିତ କରିଛି। ତଦନ୍ତକାରୀ ଅଧିକାରୀଙ୍କ ଅବହେଳା ଯୋଗୁଁ କୁଖ୍ୟାତ ଠକ ଜାମିନ୍ ପାଇଯାଇଛି। ତେବେ ଏହା ତାଙ୍କର ଅପାରଗତା ନା ଅଭିଯୁକ୍ତଙ୍କ ପ୍ରତି ଅନୁକମ୍ପା, ତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପୂରା ଘଟଣା ଥିଲା ଏମିତି, ନୂଆପଲ୍ଲୀ ବ୍ରିଟ୍ କଲୋନୀର ବିଭୂତି ଭୂଷଣ ଜେନା ପାସପୋର୍ଟ ନବୀକରଣ ପାଇଁ ଆସିଥିବା ବେଳେ ସନ୍ତୋଷ କୁମାର ସ୍ୱାଇଁ ଓରଫ୍ ବାପୁ ସହ ଭେଟ ହୋଇଥିଲା। ବାପୁ ପାସପୋର୍ଟ ପ୍ରକ୍ରିୟାକରଣ କରାଇଦେବ ବୋଲି କହି ଦେଇ ବିଭୂତିଙ୍କ ଠାରୁ ୫ ହଜାର ଟଙ୍କା ନେଇଥିଲେ ମଧ୍ୟ କାମ କରି ନ ଥିଲା। ଗତମାସ ୨୭ ତାରିଖରେ ବିଭୂତି ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ କେସ୍ ନଂ - ୧୨୨/୨୬ରେ ମାମଲା ରୁଜୁ କରିଥିଲା। ସେହିପରି ଝାରସୁଗୁଡ଼ାର ନବୀନ ମିଶ୍ର ତାଙ୍କ ପତ୍ନୀଙ୍କ ପାସପୋର୍ଟ ନବୀକରଣ ପାଇଁ ଆସିଥିବା ବେଳେ ଆପଏଣ୍ଟମେଣ୍ଟ ବାତିଲ ହୋଇଯାଇଥିଲା। ବାପୁ ଦୁଇ ଦିନ ମଧ୍ୟରେ ପାସପୋର୍ଟ ଓ ବିଜ୍ଞାପନ ଆଳରେ ନବୀନଙ୍କ ଠାରୁ ୧୫ ହଜାର ୪୦୦ ଟଙ୍କା ନେଇ ଯାଇଥିଲା, କିନ୍ତୁ କାମ କରିନଥିଲା। ନବୀନ ଏନେଇ ଗତ ୨୦ ତାରିଖରେ ଅଭିଯୋଗ କରିବା ପରେ ନୂଆପଲ୍ଲୀ ଥାନା ପୁଲିସ କେସ୍ ନଂ - ୧୭୪ ମାମଲା ରୁଜୁ କରିଥିଲା।

ବିଭୂତିଙ୍କ ଠାରୁ ହୋଇଥିବା ଠକେଇ ମାମଲା ତଦନ୍ତକାରୀ ଅଧିକାରୀ ଗତ ୨୧ ତାରିଖ ଦିନ ବାପୁକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ବାପୁ ଗିରଫ ହେବାର ଠିକ୍ ଦିନକ ପୂର୍ବରୁ ତା' ବିରୋଧରେ ଦ୍ୱିତୀୟ ମାମଲା ଅର୍ଥାତ୍ ନବୀନଙ୍କୁ ଠକିଥିବା ମାମଲା ରୁଜୁ ହୋଇଥିଲା। ବାପୁ ନାମରେ ମାମଲା ରହିଥିବା ଜାଣିଥିଲେ ମଧ୍ୟ ଦ୍ୱିତୀୟ ମାମଲାର ତଦନ୍ତକାରୀ ଅଧିକାରୀ ତା' ବିରୋଧରେ ରିମାଣ୍ଡ ଆବେଦନ କରିନଥିଲେ। ଫଳରେ ବାପୁ କୋର୍ଟରୁ ଜାମିନ୍ ପାଇ ଯାଇଥିଲା। ବାପୁ ଜାମିନରେ ମୁକୁଳିବା ପରେ ଜେଲ୍ ଗେଟରୁ ତାକୁ ପୁଣି ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କୁଖ୍ୟାତ ଠକ ବାପୁ ନାମରେ ୭ଟି ମାମଲା ରହିଛି। ସେ ଅଭ୍ୟାସଗତ ଅପରାଧୀ ବୋଲି ଜାଣିବା ପରେ ମଧ୍ୟ ତଦନ୍ତକାରୀ ଅଧିକାରୀ ତାକୁ ଅନୁକମ୍ପା ଦେଖାଇବା ସହ ଜାମିନ୍ ପାଇବାକୁ ରାସ୍ତା ପ୍ରଶସ୍ତ କରି ଦେଇଥିଲେ।

ତେବେ ଇଏ କେବଳ ଗୋଟିଏ ଘଟଣା ନୁହଁ, ନିକଟରେ ଏଭଳି ଅନେକ ଘଟଣା ଘଟିବାର ନଜିର ରହିଛି। ସୁନାଚେନ୍ ଲୁଟ୍ ମାମଲାର ଅଭିଯୁକ୍ତ ଆକାଶ ନାଏକକୁ ତମାଣ୍ଡୋ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗିରଫ ହେବା ପୂର୍ବରୁ ତା' ନାମରେ ଭରତପୁର ଥାନାରେ ମାମଲା ରହିଥିଲା। ଆକାଶ ଗିରଫ ହେବା ନେଇ ତମାଣ୍ଡୋ ଥାନା ପୁଲିସ ଜଣାଇଥିଲେ ମଧ୍ୟ ଭରତପୁର ପୁଲିସ ରିମାଣ୍ଡ ଦେଇନଥିଲା। ଫଳରେ ଆକାଶ ମଧ୍ୟ ଜାମିନ ପାଇ ଯାଇଥିଲା। ସେ ମୁକୁଳିବା ପରେ ଯାଇ ତାକୁ ଗିରଫ କରିଥିଲା ଭରତପୁର ପୁଲିସ। ସେହିପରି ଗତବର୍ଷ ନଭେମ୍ବର ୧୪ ତାରିଖରେ ଫୁଲେଶ୍ୱରୀ ବସ୍ତିର ଚାମ୍ପା ସ୍ଥାନୀୟ ଅଞ୍ଚଳର ଶିବା ବେହେରା ଓ ଲାଲୁ ମୁର୍ମୁଙ୍କୁ ହାଣି ଫେରାର ହୋଇ ଯାଇଥିଲା। ଏହାପରେ ଅର୍ଥାତ୍ ଜାନୁଆରୀ ୩୦ ତାରିଖ ରାତିରେ ଚାମ୍ପା ଏମ୍ସ ସାମ୍ନାରେ ଚିଣ୍ଟୁଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଥିଲା। ଫେବୃୟାରୀ ୨୨ରେ ଖଣ୍ଡଗିରି ଥାନା ପୁଲିସ ଚାମ୍ପାକୁ ଗିରଫ କରିଥିଲା। ଚାମ୍ପା ନାମରେ ପୂର୍ବରୁ କେସ୍ ରହିଥିବା ଜାଣିଥିଲେ ମଧ୍ୟ ହଣାକଟା ମାମଲାର ତଦନ୍ତକାରୀ ଅଧିକାରୀ ଚାମ୍ପାକୁ ରିମାଣ୍ଡରେ ନେବାକୁ ଆବେଦନ କରିନଥିଲେ। ଫଳରେ ଅଭ୍ୟାସଗତ ଅପରାଧୀ ଚାମ୍ପା ଜାମିନ୍ ପାଇ ଯାଇଥିଲା। ଜାମିନରେ ଆସିବା ପରେ ପୁଲିସ ତାକୁ ପୁଣିଥରେ ଗିରଫ କରିଥିଲା।

ଗୋଟିଏ ପଟେ ରାଜଧାନୀରେ ଅଭ୍ୟାସଗତ ଅପରାଧୀଙ୍କ ଆତଙ୍କରେ ସାଧାରଣ ଲୋକଙ୍କ ଧନଜୀବନ ହାନି ହେଉଥିବା ବେଳେ ଅନ୍ୟପଟେ ପୁଲିସ ସେମାନଙ୍କ ବିରୋଧରେ ରିମାଣ୍ଡ ଲଗାଇବା ପରିବର୍ତ୍ତେ ଅନୁକମ୍ପା ଦେଖାଉଛି। ପୁଲିସର ଏଭଳି କାର୍ଯ୍ୟକଳାପ ଅଭ୍ୟାସଗତ ଅପରାଧୀଙ୍କୁ ବାରମ୍ବାର ଅପରାଧ ଘଟାଇବାକୁ ସୁଯୋଗ ଦେଉଛି।

**ପୁରୁଣା ଫଟୋ: ପୁରୁଣା ସ୍ମୃତି**



ଭୁବନେଶ୍ୱର, ୨୮।୩(ସମିସ): ଓଡ଼ିଶାର ପ୍ରତିଟି ସ୍ଥାନର ଭିନ୍ନ ଭିନ୍ନ ପରମ୍ପରା ଓ ରିତିନୀତି ରହିଆସିଛି। ସେହିପରି ପୁରୀ ରଥଯାତ୍ରା ଭଳି ଏକାମ୍ରକ୍ଷେତ୍ରରେ ମଧ୍ୟ ପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି ପରମ୍ପରା ପାଖାପାଖି ହଜାରେ ବର୍ଷରୁ ଅଧିକ ପୁରୁଣା ବୋଲି ବିଶ୍ୱାସ ରହିଛି। ଯେଉଁଥିରେ ଅଶୋକାଷ୍ଟମୀ ଦିନ ପ୍ରଭୁ ଶ୍ରୀଲିଙ୍ଗରାଜ ରୁକୁଣା ରଥରେ ବସି ରାମେଶ୍ୱର ମନ୍ଦିର ଅଭିମୁଖେ ଯାତ୍ରା କରିଥାନ୍ତି। ଏହି ରଥର ବିଶେଷତ୍ୱ ହେଉଛି ଏହା ଅଣଲେଉଟା। ଏହି ରଥଯାତ୍ରା ଦେଖିବାକୁ ବିଭିନ୍ନ ସ୍ଥାନରୁ ଆସି ଲୋକ ଏକତ୍ରିତ ହୋଇଥାନ୍ତି। ହେଲେ ଅନେକ ବର୍ଷ ପୂର୍ବରୁ କିପରି ହେଉଥିଲା ଏହି ରଥଯାତ୍ରା ଏବଂ କେମିତି ଥିଲା ତାର ଦୃଶ୍ୟ ତାକୁ ହିଁ ନେଇ ଆଜିର ଉପସ୍ଥାପନା।

ସାମାଜିକ ଗଣମାଧ୍ୟମରେ ସେହି ସମୟର ଏକ ଫଟୋ ଦେଖିବାକୁ ମିଳିଥିଲା। ଏହି ଫଟୋଟି ପାଖାପାଖି ୬୬ ବର୍ଷ ପୁରୁଣା ତଥା ୧୯୬୦ ମସିହାର ବୋଲି ଜଣାପଡ଼ିଛି। ଫଟୋଟି କଳାଧଳା ହେଲେ ମଧ୍ୟ ସେଥିରେ ଲିଙ୍ଗରାଜ ମନ୍ଦିର, ରଥ ଏବଂ ଗହଳିର ଦୃଶ୍ୟ ଭଲ ଭାବେ ଜଣା ପଡୁଛି। ହେଲେ ଫଟୋରୁ ଦେଖି ଲାଗୁଛି, ସେ ସମୟରେ ମନ୍ଦିରର ଆଖପାଖରେ ସେତେ ଘର କିମ୍ବା ବଡ ବଡ କୋଠା ମନ୍ଦିରର ଆଖପାଖରେ ନଥିଲା।

## ନକଲି ପଞ୍ଜିକା ବିକ୍ରି ଅଭିଯୋଗ

**● କୋହେନୂର ପ୍ରେସ୍ କର୍ତ୍ତୃପକ୍ଷ ଥାନାରେ ଦେଲେ ଏତଲା**

କଟକ, ୨୮।୩(ସମିସ): କଟକର ବିଭିନ୍ନ ବଜାରରେ ଓଡ଼ିଶା କୋହେନୂର ପ୍ରେସ୍‌ର ନକଲି ପଞ୍ଜିକା ବିକ୍ରି ହେଉଥିବା ନେଇ ଅଭିଯୋଗ ହୋଇଛି। ଅବିକଳ କୋହେନୂର ପଞ୍ଜିକାକୁ କେହି ଛାଡ଼ି ତାକୁ ବଜାରରେ ବିକ୍ରି କରୁଥିବା ନେଇ କୋହେନୂର ପ୍ରେସ୍ ପକ୍ଷରୁ ବାଦାମବାଡ଼ି ଥାନାରେ ଏତଲା ଦିଆଯାଇଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ଦରଘାବଜାରରେ ଥିବା ଓଡ଼ିଶା କୋହେନୂର ପ୍ରେସ୍ ପଞ୍ଜିକାର ବର୍ଷ ୨୦୨୬-୨୭ ପାଇଁ ନୂତନ ପଞ୍ଜିକା କିଛିଦିନ ପୂର୍ବରୁ ପ୍ରକାଶ ପାଇଛି। ଏହା ଏବେ ବଜାରରେ ବିକ୍ରି ହେଉଛି। ତେବେ ଏହା ମଧ୍ୟରେ ପ୍ରେସ୍ କର୍ତ୍ତୃପକ୍ଷ ଜାଣିବାକୁ ପାଇଲେ ଯେ ତାଙ୍କ ଦ୍ୱାରା ପ୍ରକାଶିତ କୋହେନୂର ପ୍ରେସ୍ ପଞ୍ଜିକାର ଅବିକଳ ନକଲକୁ କେହି ବଜାରରେ ବିକ୍ରି କରୁଛି। ଫଳରେ ଅସଲି ବହିର ବିକ୍ରି କମିଛି। ଏହି ବିଷୟ ଜାଣିବା ପରେ ପ୍ରେସ୍ କର୍ତ୍ତୃପକ୍ଷ ବଜାରରେ ଅନୁଧ୍ୟାନ କରିଥିଲେ। ଏହାପରେ କିଛି ନକଲି ପଞ୍ଜିକା ବଜାରରେ ବିକ୍ରୟ ହେଉଥିବା ଜଣାପଡ଼ିଥିଲା। ଏଭଳି ସ୍ଥିତିରେ ପ୍ରେସ୍ ପକ୍ଷରୁ ଇଫ୍‌ତେଖାର ଜହୁର ବାଦାମବାଡ଼ି ଥାନାରେ ଏତଲା ଦାୟର କରିଛନ୍ତି। ପୁଲିସ ବିଏନ୍‌ଏସ୍‌ର ଧାରା ୧୧୮(୪), ୩(୫) ଓ କପିରାଇଟ୍ ଆକ୍ଟର ଧାରା ୬୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କିଏ ଉକ୍ତ ପଞ୍ଜିକାକୁ ନକଲି କରୁଛି ଓ କେଉଁ ଦୋକାନରେ ଆଣି ତାହାକୁ ବିକ୍ରି କରୁଛି ତାହାର ଯାଞ୍ଚ ହେଉଥିବା ବାଦାମବାଡ଼ି ଥାନା ଅଧିକାରୀ ଅଜୟ ରାଉଳ ସୂଚନା ଦେଇଛନ୍ତି।

## ନବମ ଯଶୁଆପୁର ମହୋତ୍ସବ ଉଦ୍‌ଯାପିତ

ବାଲିଅନ୍ତା, ୨୮।୩(ସମିସ): ବାଲିଅନ୍ତା ବ୍ଲକ ଅଧୀନ ଯଶୁଆପୁର ଗ୍ରାମର ଯଶୁଆପୁର ବିକାଶ ପରିଷଦ ପକ୍ଷରୁ '୯ମ ଯଶୁଆପୁର ମହୋତ୍ସବ' ଉଦଯାପିତ ହୋଇଯାଇଛି। ପରିଷଦର ସଭାପତି ରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଚିତ୍ରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି ଭବ୍ୟ ସମାରୋହରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ାବିତ୍ ଦୂତୀ ଚାନ୍ଦ, ରାଜ୍ୟ ବିଜେପି ମହିଳା ମୋର୍ଚ୍ଚା ସଭାପତି ଐଶରା ବିଶ୍ୱାଳ, ମାର୍ଫେଡ ଅଧ୍ୟକ୍ଷା କବିତା ପରିଡ଼ା, ଡାକ୍ତର ମଧୁମିତା ଦେଇ, ଡାକ୍ତର ଝିଲୀରାଣି ପାଢ଼ୀ, ଯୁବ ଉଦ୍‌ଯୋଗୀ ସଞ୍ଜୟ ମହାନ୍ତି, ଶିକ୍ଷାବିତ୍ ପ୍ରମୋଦ ପାଢ଼ୀ, ସମାଜସେବୀ ସନ୍ଦୀପ ପ୍ରଧାନ, ସମାଜସେବୀ ପ୍ରଦୀପ କୁମାର ମହାନ୍ତି, ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜ୍ଞାନ ଲକ୍ଷ୍ମୀ କଳା ପ୍ରତିଷ୍ଠାନ ପକ୍ଷରୁ ଗୋଟିପୁଅ ନୃତ୍ୟ ଓ କଣ୍ଠ ଶିଳ୍ପୀ ଜୟଶ୍ରୀ ଧଳ ଓ ତାଙ୍କ ସାଥୀମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ କରିଥିବା ବେଳେ ତପନ ସ୍ୱାଇଁ ଧନ୍ୟବାଦ୍ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଯଶୁଆପୁରର ଆଧ୍ୟାତ୍ମିକ ପରିବେଶ ଓ ସାଂସ୍କୃତିକ ଗାରିମା ଉଜ୍ଜୀବିତ ହୋଇଉଠିଥିଲା।

## ୧ରୁ ସୋଆ ଏସ୍‌ଏଚ୍‌ଏମ୍ ପକ୍ଷରୁ ପଖାଳ ଉତ୍ସବ

ଭୁବନେଶ୍ୱର, ୨୮।୩(ସମିସ): ପ୍ରତ୍ୟେକ ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ପଖାଳର ସ୍ୱାଦ ନେବା ସହ ଏହାର ପ୍ରଚାର ଓ ପ୍ରସାର ଲକ୍ଷ୍ୟ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସଏଚ୍‌ଏମ୍) ପକ୍ଷରୁ ଆସନ୍ତା ଏପ୍ରିଲ ୧ ତାରିଖରୁ ଏକ ୫ ଦିନିଆ ପଖାଳ ଉତ୍ସବର ଆୟୋଜିତ ହେବ। ଉତ୍ସବରେ ବିଭିନ୍ନ ପ୍ରକାରର ପଖାଳ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ପରଷା ଯିବ ବୋଲି ଏସ୍‌ଏଚ୍‌ଏମ୍‌ର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି ସୂଚନା ଦେଇଛନ୍ତି।

## ପ୍ରତିଷ୍ଠା ଦିବସରେ ସହିଦ ଯବାନଙ୍କୁ ସମ୍ମାନ




ଭୁବନେଶ୍ୱର, ୨୮।୩(ସମିସ): ଅଲ୍ ଓଡ଼ିଶା ଭେଟେରାନ ସୋଲଜେର୍ସ ଆସୋସିଏସନର ଚତୁର୍ଥ ପ୍ରତିଷ୍ଠା ଦିବସ ଶନିବାର ଜୟଦେବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଭାବେ ଓ ସମ୍ମାନିତ ଅତିଥି ଭାବେ ଶିଳ୍ପପତି ଶ୍ରୀକାନ୍ତ ମିଶ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅଲ ଓଡ଼ିଶା ଭେଟେରାନ ସୋଲଜେର୍ସ ଆସୋସିଏସନର ବାର୍ଷିକ ପତ୍ରିକା ସୈନିକ ସ୍ୱାଭିମାନର ଦ୍ୱିତୀୟ ସଂସ୍କରଣ ଉନ୍ମୋଚିତ ହୋଇଯାଇଛି। ଏଥିସହିତ କାର୍ଗିଲ ସହିଦ ଗୋପୀନାଥ ମହାରଣାଙ୍କ ମା, କାର୍ଗିଲ ସହିଦ ସଚ୍ଚିଦାନନ୍ଦ ମାଲିକଙ୍କ ପତ୍ନୀ, କାର୍ଗିଲ ସହିଦ ଶ୍ରୀନିବାସ ପତ୍ରଙ୍କ ପତ୍ନୀ, ସହିଦ ଦେବାଶିଷ ବିଶ୍ୱାଳଙ୍କ ପତ୍ନୀ, ସହିଦ ସଶାଙ୍କ ଶେଖର ସାମଲଙ୍କ ପତ୍ନୀଙ୍କୁ ସମ୍ମାନିତ କରାଯାଇଛି। ସୈନ୍ୟ ଶିକ୍ଷା ଅଭିଯାନରେ ପ୍ରଥମ ସ୍ଥାନରେ ଥିବା ନାରଗଦା ଉପସ୍କୁଲର ଦୁଇ ଜଣ ଛାତ୍ରଛାତ୍ରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସଭାପତି ଭେଟେରାନ ପରମେଶ୍ୱର ସ୍ୱାଇଁ, ଉପସଭାପତି ମଧୁସୂଦନ ଦାସ, ଉପସଭାପତି ପତିତପାବନ ସେନାପତି, ସମ୍ପାଦକ ଉମେଶ କୁମାର ଚଇନି, ସହସଂଯୋଜକ ଦେବେନ୍ଦ୍ର ମିଶ୍ର, କୋଷାଧ୍ୟକ୍ଷ ରାଜକିଶୋର ସ୍ୱାଇଁ ସଭାକୁ ସଞ୍ଚାଳନ କରିଥିଲେ।

## ମେଳାରେ ଜମୁଛି 'ଦହିବରା ହାଟ'

**ଜିଆଇ ଟ୍ୟାଗ୍ ଅଭିମୁଖେ ବଡ଼ ପଦକ୍ଷେପ**




କଟକ, ୨୮।୩ (ସମିସ): ରୁପା ତାରକସି କାମ ପାଇଁ ବିଶ୍ୱପ୍ରସିଦ୍ଧ ପୁରୁଣା ରାଜଧାନୀ କଟକ ସହରର ଅନ୍ୟ ଏକ ଅନନ୍ୟ ପରିଚୟ ହେଉଛି 'ଦହିବରା ଆଳୁଦମ'। ଏହି ଖାଦ୍ୟ କେବଳ କଟକୀଙ୍କ ପ୍ରିୟ ନୁହେଁ, ବରଂ ଏହାର ସ୍ୱାଦ ଆଜି ଦେଶବିଦେଶରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। ବଲିଉଡ୍ ସୁପରଷ୍ଟାର ସଲମାନ ଖାଁଙ୍କ ଠାରୁ ଆରମ୍ଭ କରି ସୋନୁ ସୁଦ୍ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବାଚସ୍ପତିଙ୍କ ପର୍ଯ୍ୟନ୍ତ, ସମସ୍ତେ ଏହି ପାଟି ସୁଆଦିଆ ଖାଦ୍ୟର ପ୍ରଶଂସକ। ଏହି ଲୋକପ୍ରିୟତାକୁ ଆଉ ଏକ ନୂଆ ମୋଡ଼ ଦେବା ପାଇଁ ଚଳିତ ବର୍ଷ ବାଲିଯାତ୍ରା ପଡ଼ିଆରେ ଆୟୋଜିତ ମେଳାରେ ଶୁଭାରମ୍ଭ ହୋଇଛି 'ଦହିବରା ହାଟ'।

ଉପର ବାଲିଯାତ୍ରା ପଡ଼ିଆରେ ଆୟୋଜିତ ମେଳାରେ ପ୍ରଥମ ଥର ପାଇଁ 'ଦହିବରା ହାଟ' ଉଦଘାଟିତ ହୋଇଯାଇଛି। କଟକ ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ଏହି ହାଟକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ କଟକର ଦହିବରା ଆଳୁଦମକୁ ବିଶ୍ୱସ୍ତରୀୟ 'ଜିଆଇ ଟ୍ୟାଗ୍' ମାନ୍ୟତା ପ୍ରଦାନ କରିବା ଦିଗରେ ଏହା ଏକ ପ୍ରମୁଖ ପରିକଳ୍ପନା। କଟକ ଦହିବରା ଆଳୁଦମ ବ୍ୟବସାୟୀ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଭିନେତା ଶ୍ରୀତମ ଦାସ, ସମାଜସେବୀ ଦ୍ୱୀପାୟନ ପଟ୍ଟନାୟକ, ମନୋଜ ପତି ଏବଂ ବିଜେପି ନେତା ଲଲାଟେନ୍ଦୁ ବଡୁ ପ୍ରମୁଖ ଯୋଗ ଦେଇଥିଲେ। ସଂଘର ସଭାପତି ପ୍ରଦୀପ୍ତ କୁମାର ସାହୁ, ସମ୍ପାଦକ କେଦାରନାଥ ସାଶମଲ ଏବଂ ଉପଦେଷ୍ଟା ସୁକାନ୍ତ ମହାନ୍ତିଙ୍କ ସମେତ ସଂଘର ବହୁ ପ୍ରମୁଖ ସଦସ୍ୟ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ହାଟରେ କଟକର ସମସ୍ତ ଜଣାଶୁଣା ଓ ପୁରୁଣା ଦହିବରା ବ୍ୟବସାୟୀମାନେ ନିଜର ଷ୍ଟଲ୍ ଲଗାଇଛନ୍ତି। ଖାଦ୍ୟ ସହିତ ଓଡ଼ିଆ ସଂସ୍କୃତିର ଏକ ସୁନ୍ଦର ଝଲକ ଏଠାରେ ଦେଖିବାକୁ ମିଳୁଛି। ଯୁବପିଢ଼ିଙ୍କ ପାଇଁ ଏକ ଆକର୍ଷଣୀୟ 'ସେଲଫି ପଏଣ୍ଟ' ମଧ୍ୟ ନିର୍ମାଣ କରାଯାଇଛି, ଯାହା ଦର୍ଶକଙ୍କ ମନ ମୋହୁଛି। କଟକର ଏହି ଦହିବରା ଆଳୁଦମ କେବଳ ଏକ ଖାଦ୍ୟ ନୁହେଁ, ଏହା ଏକ ଭାବନା। ମସଲାଯୁକ୍ତ ଆଳୁଦମ, ଦହିବରା ଏବଂ ତା' ସହିତ ଗୁଗୁନି, ସେଉ ଓ ପିଆଜର ସମ୍ମିଶ୍ରଣ ଯେକୌଣସି ଖାଦ୍ୟପ୍ରେମୀଙ୍କୁ ଟାଣି ଆଣେ। ଜିଆଇ ଟ୍ୟାଗ୍ ମିଳିଲେ, କଟକର ଏହି ପାରମ୍ପରିକ ଖାଦ୍ୟକୁ ଅନ୍ତର୍ଜାତୀୟ ବଜାରରେ ଏକ ସ୍ୱତନ୍ତ୍ର ପରିଚୟ ଓ ସୁରକ୍ଷା ମିଳିପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଆଶା ପ୍ରକାଶ ପାଇଛି।

## ରାଜଧାନୀ କଲେଜରେ ମାନବାଧିକାର ଶିକ୍ଷା ଓ ଲିଙ୍ଗ ସମତା ସମ୍ପର୍କିତ ବିଶେଷ ପରିଦର୍ଶନ



ଭୁବନେଶ୍ୱର, ୨୮।୩(ସମିସ): ପ୍ରଫେସର କହ୍ନାଇୟା ତ୍ରିପାଠୀ, ବିଶେଷ ମନିଟର (ମାନବାଧିକାର ପରାମର୍ଶ ମାନବାଧିକାର ଶିକ୍ଷା ଓ ଲିଙ୍ଗ ସମତା), ରାଜଧାନୀ କଲେଜକୁ ଏକ ଶାସ୍ତ୍ରୀୟ ଓ ପ୍ରଶାସନିକ ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନର ପ୍ରମୁଖ ଉଦ୍ଦେଶ୍ୟ ଥିଲା ଉଚ୍ଚ ଶିକ୍ଷା ସଂସ୍ଥାନମାନଙ୍କରେ ମାନବାଧିକାର ଶିକ୍ଷା ଓ ଲିଙ୍ଗ ସମତାର ବର୍ତ୍ତମାନ ସ୍ଥିତିକୁ ଅନୁଶୀଳନ କରିବା, ତଥ୍ୟ ସଂଗ୍ରହ କରିବା ଓ ଏହା ସମ୍ପର୍କିତ ଏକ ସମ୍ପୂର୍ଣ୍ଣ ରିପୋର୍ଟ ଜାତୀୟ ମାନବାଧିକାର ଆୟୋଗଙ୍କୁ ପ୍ରଦାନ କରିବା। ପରିଦର୍ଶନ ସମୟରେ କଲେଜର ଛାତ୍ରଛାତ୍ରୀମାନେ ପାରମ୍ପରିକ ଓ ଓଡ଼ିଆ ସଂସ୍କୃତିର ଗରିମା ସହିତ ପ୍ରଫେସର ତ୍ରିପାଠୀଙ୍କୁ ଝୋଟି, ବନ୍ଦାପନା ଓ ବେଦ ମନ୍ତ୍ର ଉଚ୍ଚାରଣ ମାଧ୍ୟମରେ ସ୍ୱାଗତ କରିଥିଲେ। ଏହା ସହ ଏନ୍‌ସିସି ଛାତ୍ରଛାତ୍ରୀମାନେ ଅତ୍ୟନ୍ତ ଶୃଙ୍ଖଳିତ ଓ ଗରିମାମୟ ଭାବରେ ଗାର୍ଡ ଅଫ ଅନର୍ ପ୍ରଦାନ କରିଥିଲେ, ଯାହା କଲେଜର ଶୃଙ୍ଖଳା, ସଂସ୍କୃତି ଓ ଏକତାର ପ୍ରତୀକ ଭାବେ ପ୍ରତିଭାସିତ ହୋଇଥିଲା। ପ୍ରଫେସର କହ୍ନାଇୟା ତ୍ରିପାଠୀ କଲେଜର ଅଧ୍ୟକ୍ଷ ଡ. ସରୋଜ କାନ୍ତ ଚୌଧୁରୀଙ୍କ ସହ ଏକ ବିସ୍ତୃତ ଆଲୋଚନା କରିଥିଲେ। ଏହି ଆଲୋଚନାରେ କଲେଜର ଶିକ୍ଷାଗତ ପରିବେଶ, ମାନବାଧିକାର ସଚେତନତା ଓ ଲିଙ୍ଗ ସମତା ପ୍ରଚାର ପାଇଁ ଗ୍ରହୀତ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଗଭୀର ଚର୍ଚ୍ଚା ହୋଇଥିଲା।

## ଏମ୍ସ ଭୁବନେଶ୍ୱର ଓ ନାମ୍ସ ପକ୍ଷରୁ ଆଞ୍ଚଳିକ ଚିକିତ୍ସା ଶିକ୍ଷା କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୮।୩ (ସମିସ): ଅଙ୍ଗ ପ୍ରତିରୋପଣର ଗୁରୁତ୍ୱକୁ ଉପଲବ୍ଧି କରି ଏମ୍ସ ଭୁବନେଶ୍ୱର, ଜାତୀୟ ଚିକିତ୍ସା ବିଜ୍ଞାନ ଏକାଡେମୀ (ନାମ୍ସ) ସହଯୋଗରେ, ଚଳିତ ମାସ ୩୦(ସୋମବାର) 'ସ୍ୱାସ୍ଥ୍ୟସେବାରେ ଅଙ୍ଗ ପ୍ରତିରୋପଣ ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)' ଉପରେ ଏକ ପ୍ରସାରଣ କର୍ମଶାଳା ସହ ଆଞ୍ଚଳିକ ନିରନ୍ତର ଚିକିତ୍ସା ଶିକ୍ଷା (ସିଏମ୍‌ଇ) କାର୍ଯ୍ୟକ୍ରମ ଆୟୋଜିତ ହେବ।

ଏମ୍ସ ଭୁବନେଶ୍ୱର ପରିସରରେ ଅନୁଷ୍ଠିତ ହେବାକୁ ଥିବା ଏହି ଦିନିକିଆ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମରେ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଏବଂ ଝାଡ଼ଖଣ୍ଡ ଭଳି ଚାରୋଟି ରାଜ୍ୟର ପ୍ରମୁଖ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରୁ ତିନି ଶହରୁ ଅଧିକ ଡାକ୍ତର ଓ ଗବେଷକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ଆଶା କରାଯାଉଛି। ସେହିପରି ଆଇଆଇଟି ଭୁବନେଶ୍ୱର, ପିଜିଆଇଏମ୍‌ଇଆର୍ ଚଣ୍ଡିଗଡ଼, ନାଇସର୍ ଭୁବନେଶ୍ୱର, ଓଟିଟିଇଟି, ଆଇସର୍ ବ୍ରହ୍ମପୁର, ଆଇଜିଆଇଏମ୍‌ଏସ ପାଟନା ଭଳି ପ୍ରମୁଖ ପ୍ରତିଷ୍ଠାନ ଏବଂ ରୋଟ୍ଟୋ, ସୋଟ୍ଟୋ ସମେତ ଜାତୀୟ ପ୍ରତିରୋପଣ ସଂଗଠନର ବିଶିଷ୍ଟ ବିଶେଷଜ୍ଞମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେବେ।

## 'ପୂର୍ବରଙ୍ଗ'ର ଦ୍ୱିତୀୟ ସନ୍ଧ୍ୟାରେ 'ପାଞ୍ଚାଳୀ'



ଭୁବନେଶ୍ୱର, ୨୮।୩(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର, କୋଲକାତାର ମିଳିତ ସହଯୋଗରେ ଆୟୋଜିତ ହେଉଥିବା ଜାତୀୟ ନାଟକ ଉତ୍ସବ 'ପୂର୍ବରଙ୍ଗ-୨୦୨୬'ର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ରବୀନ୍ଦ୍ରମଣ୍ଡପରେ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ନାଟକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ନାଟ୍ୟକାର ନନ୍ଦ କିଶୋର ଆଚାର୍ଯ୍ୟଙ୍କ ରଚିତ ନାଟକ 'ପାଞ୍ଚାଳୀ'ର ମଞ୍ଚସ୍ଥ ହୋଇଯାଇଛି। ହିମାଚଳ କଲ୍‌ଚର ରିସର୍ଚ୍ଚ ଫୋରମ୍ ଓ ଥିଏଟର ରେପରଟୋରୀ ଦ୍ୱାରା ପ୍ରସ୍ତୁତ ଏହି ନାଟକର ନିର୍ଦ୍ଦେଶନା ନାଟ୍ୟକାର ପ୍ରଫେସର ସୁରେଶ ଶର୍ମା ଦେଇଥିବା ବେଳେ ଅଭିନେତ୍ରୀ ସମ୍ପା ମଣ୍ଡଳ ଓ ରିଧିମା ବାଗ୍ଗା ଚମତ୍କାର ଅଭିନୟ ମାଧ୍ୟମରେ ପାଞ୍ଚାଳୀଙ୍କୁ ଜୀବନ୍ତ ଭାବେ ଗଢ଼ିତୋଳିଥିଲେ। ପାଞ୍ଚାଳୀଙ୍କ ଆବିର୍ଭାବ ଠାରୁ ନେଇ ମହାଭାରତ ଯୁଦ୍ଧ ଏବଂ ଯୁଦ୍ଧ ପରର ବିଭୀଷିକାକୁ ପାଞ୍ଚାଳୀଙ୍କ ଦୃଷ୍ଟିକୋଣରେ ଦର୍ଶକଙ୍କ ସମ୍ମୁଖରେ ପ୍ରସ୍ତୁତ କରାଯାଇଥିଲା। ପାଞ୍ଚାଳୀଙ୍କ ଶକ୍ତି, ସାମର୍ଥ୍ୟ, ସାଧନା, ବେଦନା ଏବଂ ମନସ୍ତତ୍ତ୍ୱର ବିଶ୍ଳେଷଣ ଦର୍ଶକମାନଙ୍କୁ ବିମୋହିତ କରିଥିଲା। ସନ୍ଧ୍ୟାରେ ନାଟ୍ୟକାର ଅନନ୍ତ ମହାପାତ୍ର, ଗୌରହରି ଦାସ, ଧୀରେନ୍ଦ୍ର ନାଥ ମଲ୍ଲିକ, ଦୋଳଗୋବିନ୍ଦ ରଥ ପ୍ରମୁଖ ଉପସ୍ଥିତ ରହି କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ର ଶେଖର ହୋତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସବୁ ଥାନାରେ ଖୋଲିବ ଜଳଛତ୍ର

**କଣ୍ଟିଜେନ୍ସି ଫଣ୍ଡରୁ ଖର୍ଚ୍ଚ ହେବ ମାସିକ ୪୦ ହଜାର**

**ଗ୍ରୀଷ୍ମ ପ୍ରକୋପକୁ ଦେଖି ଥାନାଦ୍ୱାରା ନିଆଯିବ ପଦକ୍ଷେପ**

କଟକ, ୨୮।୩(ସମିସ): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି କଟକ ୟୁପିଡିରେ ଥିବା ସମସ୍ତ ଥାନାରେ ଜଳଛତ୍ର ଖୋଲାଯିବା ପାଇଁ ନିଷ୍ପତ୍ତି ହୋଇଛି। ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କୁ ଥଣ୍ଡା ଜଳ ଯୋଗାଇ ଦେବ ପୁଲିସ। କେବଳ ପାଣି ନୁହେଁ ମୃଦୁ ପାନୀୟ ସହିତ ଚା' ଏବଂ କଫି ଦିଆଯିବ। ଆତିଥ୍ୟତାକୁ କମିଶନରେଟ୍ ପୁଲିସ ପ୍ରାଧାନ୍ୟ ଦେଉଥିବା ବେଳେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜଳଛତ୍ର ଖୋଲିବାକୁ ପୁଲିସ ବ୍ୟୟ ବରାଦ କରିଛି। କଣ୍ଟିଜେନ୍ସି ଫଣ୍ଡ ବାବଦରେ ଥାନାକୁ ଦିଆଯାଉଥିବା ଟଙ୍କା ଜଳଛତ୍ର ବାବଦରେ ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି। ଏ ବାବଦରେ ଥାନା ଗୁଡ଼ିକୁ ମାସିକ ୪୦ହଜାର ଟଙ୍କା ଲେଖାଁଏ ଯୋଗାଇ ଦିଆଯିବ। ଅର୍ଥାତ୍ ଗୋଟିଏ ଥାନାକୁ ବର୍ଷକୁ ଏହି ଫଣ୍ଡ ବାବଦରେ ୪ଲକ୍ଷ ୮୦ହଜାର ଟଙ୍କା ରାଜ୍ୟ ସରକାର ଯୋଗାଇ ଦେଉଥିବା ବେଳେ ଥାନା ଅଧିକାରୀମାନେ ଏହି ଟଙ୍କାରୁ ଜଳଛତ୍ର ବାବଦରେ ଖର୍ଚ୍ଚ କରିବେ। ଯେହେତୁ ପ୍ରତ୍ୟେକ ଥାନାରେ ଥଣ୍ଡା ପାନୀୟ ଯୋଗାଣ ମେସିନ୍ ନାହିଁ, ତେଣୁ ମାଠିଆ ବା ମାଟି ପାତ୍ର ରଖାଯିବାକୁ ସ୍ଥିର ହୋଇଛି। ପ୍ରଚଣ୍ଡ ରୌଦ୍ରତାପରେ କେମିତି ଜଣେ ସାଧାରଣ ଅଭିଯୋଗକାରୀ ଥାନାକୁ ଆସିଲେ ସର୍ବୋତ୍ତମ ସେବା ପାଇପାରିବ, ତାହା ଉପରେ ପ୍ରାଧାନ୍ୟ ଦିଆଯାଇଛି। ସେହିଭଳି ଥାନାରେ ଚା' ଓ ପାଣିର ଆତିଥ୍ୟ ସେବା ଯୋଗାଇ ଦେବାକୁ ସ୍ୱତନ୍ତ୍ର ଫଣ୍ଡର ବ୍ୟବସ୍ଥା ରହଥିବା ବେଳେ ଜଳଛତ୍ର ଖୋଲାଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

କମିଶନରେଟ୍ ପୁଲିସ ବ୍ୟବସ୍ଥାରେ ବାଦାମବାଡ଼ି, ପୁରୀଘାଟ, ମାଲଗୋଦାମ, ମଙ୍ଗଳାବାଗ, ଚାଉଳିଆଗଞ୍ଜ, କଟକସଦର, ଜଗତପୁର, ବାରଙ୍ଗ ଓ ଚୌଦ୍ୱାର, ଲାଲବାଗ, ବିଡ଼ାନାସୀ, ମର୍କତନଗର, ଫେଜ-୨, କ୍ୟାଣ୍ଟନମେଣ୍ଟ, ଦରଘାବଜାର ଓ କନ୍ଦରପୁର ଥାନାଗୁଡ଼ିକରେ ଗତବର୍ଷ ଥଣ୍ଡା ପାନୀୟ ଜଳ ଯୋଗଇଦେବାର ବ୍ୟବସ୍ଥା ରହିଥିଲା। କିନ୍ତୁ ଗତବର୍ଷ ପ୍ରବଳଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଥଣ୍ଡା ପାଣି ଏହି ଥାନା ଗୁଡ଼ିକରେ ମିଳୁନଥିବା ଅଭିଯୋଗ ହୋଇଥିଲା। ଏଭଳି ଅଭିଯୋଗ ମିଳିବା ପରେ କଣ୍ଟିଜେନ୍ସି ଫଣ୍ଡର୍ ଅଡିଟ୍ ବିଧିବଦ୍ଧ ଭାବେ କରାଯାଇ ଆବଶ୍ୟକ ସ୍ଥଳେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତତ୍କାଳିନ ଡିସିପି କହିଥିଲେ। କିନ୍ତୁ ଚଳିତ ବର୍ଷ ପ୍ରତ୍ୟେକ ଥାନା ପକ୍ଷରୁ ଜଳଛତ୍ର ଖୋଲାଯାଇଛି କି ନାହିଁ, ତାହାର ଭିଡ଼ିଓ ଉତ୍ତୋଳନ କରି ଡିସିପିଙ୍କ କାର୍ଯ୍ୟାଳୟକୁ ପଠାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଳଛତ୍ରରେ ୨ଜଣ ପୁଲିସ କର୍ମଚାରୀ ନିୟୋଜିତ ହେବେ। ଜଣେ କନେଷ୍ଟବଳ ଓ ଜଣେ ହୋମ୍‌ଗାର୍ଡ ଖୋଲାଯିବାକୁ ଥିବା ଜଳଛତ୍ରରେ ଥଣ୍ଡା ପାଣି ବଣ୍ଟନ କରିବେ। ତେବେ ଜଳଛତ୍ର ଗୁଡ଼ିକ ଥାନା ବାହାରେ ଅସ୍ଥାୟୀ ତମ୍ବୁରେ ନିର୍ମାଣ କରାଯିବ। ଥାନା ଅଧିକାରୀ ଚାହିଁଲେ, ଅସ୍ଥାୟୀ ତମ୍ବୁରେ ଜଳଛତ୍ର ନଖୋଲି, ଅଭ୍ୟର୍ଥନା ପ୍ରକୋଷ୍ଠରେ ପାଣି ବଣ୍ଟନ କରି ପାରିବେ।

ଜଳଛତ୍ର ନିର୍ମାଣ ଓ ଥଣ୍ଡା ପାନୀୟ ବଣ୍ଟନକୁ ଛାଡି ଥାନା ଗୁଡ଼ିକରେ ବିଭିନ୍ନ ରେକର୍ଡପତ୍ରର ରକ୍ଷଣବେକ୍ଷଣ, କାଗଜ, କଲମ, ଭଳି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣାଯିବା ବାବଦରେ ଖର୍ଚ୍ଚ କଣ୍ଟିଜେନ୍ସି ଫଣ୍ଡରୁ ହିଁ ହୋଇଥାଏ। ସରକାରଙ୍କ ପକ୍ଷରୁ କମିଶନରେଟ୍ ପୁଲିସ ବ୍ୟବସ୍ଥାରେ ରହିଥିବା ଥାନା ଗୁଡ଼ିକୁ ମାସକୁ ୪୦ହଜାର ଟଙ୍କାର ଅନୁଦାନ ଆସୁଛି। ଏହି ଫଣ୍ଡ ଲୋକଙ୍କ ସେବାରେ ଓ ଥାନାର ସ୍ୱାର୍ଥରକ୍ଷା କ୍ଷେତ୍ରରେ ଖର୍ଚ୍ଚ କରାଯିବାର ବ୍ୟବସ୍ଥା କରାଯାଇଛି। ଆଇଆଇସିମାନେ ଏହି ଟଙ୍କାକୁ କେମିତି ଓ କେଉଁବାଟରେ ଖର୍ଚ୍ଚ କରିବେ, ତାହାର ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ରହିଛି। ତେବେ ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ ହେବା ବଦଳରେ ଏହା ଫାଇଲ୍‌ର ନାଲିଫିତା ତଳେ ଚାପି ହୋଇ ରହିଥିବା ଅଭିଯୋଗ ଉଠୁଛି। କେତେକ ଥାନା ଅଧିକାରୀ ଏହି ଫଣ୍ଡକୁ ଅନ୍ୟବାଟରେ ଖର୍ଚ୍ଚ କରି ଦେଉଛନ୍ତି। ଫଳରେ ଫଣ୍ଡର୍ ସଠିକ୍ ବିନିଯୋଗ ତ ହେଉନାହିଁ ବରଂ ହଜାର ହଜାର ଟଙ୍କା ବାଟମାରଣା ହେଉଥିବାର ଅଭିଯୋଗ ହେଉଛି। ଚଳିତ ଗ୍ରୀଷ୍ମ ପ୍ରବାହରେ କଣ୍ଟିଜେନ୍ସି ଫଣ୍ଡରୁ ଜଳଛତ୍ର ଖୋଲିବାକୁ ବିଭାଗୀୟ ନୋଟିସ୍ ଜାରି କରାଯାଇଛି।



# ଖାଇବା ଥାଳିରେ ମାଡ଼; ଗାଁ ମୁହାଁ ସହରବାସୀ

- ବଢ଼ିଛି ଭୋଜନ ଦାମ୍; କମିଛି ଖାଦ୍ୟ ପରିମାଣ
- ମନ୍ଦିର, ଆହାର କେନ୍ଦ୍ରଗୁଡ଼ିକରେ ଜମୁଛି ଭିଡ଼
- କାଠଚୁଲା, ଇଣ୍ଡକ୍ସନ ପାଇଁ ଘର ମାଲିକଙ୍କ ବାରଣ

ଭୁବନେଶ୍ୱର, ୨୮ ।୩(ସମିସ): ସହର ହେଉ ଅବା ଉପକଣ୍ଠ ସବୁଠି ଏବେ ଗ୍ୟାସର ଚିନ୍ତା ସମସ୍ତଙ୍କୁ ଘାରିଛି। କାହାର ଏଲ୍‌ପିଜି ଖାଲି ପଡ଼ିଛି ତ ଆଉ କିଏ ଗ୍ୟାସ ବୁକ୍ କରି ମଧ୍ୟ ପାଉନାହିଁ। ଏହିପରି ଆଉ କିଏ ଚଢ଼ା ଦରରେ ଗ୍ୟାସ କିଣୁଛି। ହେଲେ ଏହି ସବୁ ମଧ୍ୟରେ ଛାତ୍ରଛାତ୍ରୀ ହୁଅନ୍ତୁ ଅବା ଭଡ଼ାଟିଆ, ଶ୍ରମିକ ଶ୍ରେଣୀର ଲୋକେ ଘାଣ୍ଟି ହୋଇପଡୁଛନ୍ତି। ଏହି ଜଳେଣି ଏଲ୍‌ପିଜି ଚିନ୍ତା ଏବେ କାହା ପାଠରେ ଲାତ ମାରୁଛି ତ ଆଉ କାହା ପିଠିରେ ଲାତ ପକାଉଛି। ଫଳରେ ଅନେକ ଲୋକଙ୍କ ସମେତ ଯୁବପିଢ଼ି ଗାଁ ମୁହାଁ ହେବାକୁ ଲାଗିଲେଣି

ମଧ୍ୟ ପ୍ରାଚୀରେ ଯୁଦ୍ଧ ଚାଲିଥିବା ବେଳେ ଏହାର ପ୍ରଭାବ ରାଜଧାନୀରେ ଦେଖିବାକୁ ମିଳିଛି। ବିଶେଷକରି ଏହି ଯୁଦ୍ଧ ଖାଇବା ଥାଳି ଉପରେ ମାଡ଼ ହୋଇଛି। ଯୁଦ୍ଧ ପାଇଁ ଗ୍ୟାସର ଅଭାବୀ ଦେଖିବାକୁ ମିଳିଥିବା ବେଳେ ବିଭିନ୍ନ ଏଲ୍‌ପିଜି ଏଜେନ୍ସି ବନ୍ଦ ହୋଇପଡ଼ିଛି। ଏଥିସହିତ ଛୋଟ ଛୋଟ ଗ୍ୟାସ ଭର୍ତ୍ତି କରୁଥିବା ଦୋକାନ ବନ୍ଦ ହୋଇ ପଡ଼ିଛି। ଫଳରେ ଏହି ଦୋକାନ ଉପରେ ନିର୍ଭର କରି ଗ୍ୟାସ ଭରୁଥିବା ଲୋକେ ଏବଂ ଯୁବପିଢ଼ି ହରଡ଼ ଘଣାରେ ପଡ଼ିଛନ୍ତି। ଏଲ୍‌ପିଜି ଚୋରାରେ ବିକ୍ରି ହେଉଥିଲେ ମଧ୍ୟ ଏତେ ଟଙ୍କା ଦେଇ କିଣିବା ସମ୍ଭବ ହେଉନାହିଁ।

ରାସ୍ତାକଡ଼ ଚାଳିଆ ହୋଟେଲ ସମେତ କିଛି ରେସ୍ତୋରାଁ ବନ୍ଦ ହୋଇଯାଇଛି। ଫଳରେ ଛୋଟ ଛୋଟ ହୋଟେଲ ଉପରେ ନିର୍ଭର କରି ଖାଦ୍ୟ ଖାଉଥିବା ଲୋକମାନେ ଏବେ ଓଳିଏ ଖାଇଲେ ଓଳିଏ ଶୁଖିଲା ଜଳଖିଆ ଉପରେ ନିର୍ଭର କରୁଛନ୍ତି। ଆଉ ଯେତିକି ହୋଟେଲ ଅବା ରେସ୍ତୋରାଁ ଖୋଲା ହଉଛି ସେଠାରେ



ଖାଇବା ଦର ଆକାଶ ଛୁଆଁ ରହିବା ସହ ଖାଦ୍ୟର ପରିମାଣ ମଧ୍ୟ କମିଯାଇଛି। ଯଦି ବି ଅଧିକ ଟଙ୍କା ଦେଇ ଖାଦ୍ୟ ଖାଇଲେ ଅଧା ପେଟ ପୂରୁଛି ତ ଆଉ ଅଧା ପୁରୁନାହିଁ। ଫଳରେ ଅଧା ଭୋକିଲା ପେଟରେ ଫେରିବାକୁ ପଡୁଛି।

ଏହିପରି ଅନେକ ଲୋକ ଏବେ ଆହାର କେନ୍ଦ୍ର ଓ ମନ୍ଦିର ପ୍ରସାଦ ଉପରେ ନିର୍ଭର କରୁଛନ୍ତି। ଆହାର କେନ୍ଦ୍ରରେ ୫ ଟଙ୍କାରେ ଭାତ, ଡ଼ାଲମା, ଆଚାର ମିଳୁଥିବା ବେଳେ ଲୋକମାନେ ଦିନ ୧୦.୩୦ଟାରୁ ଆହାର କେନ୍ଦ୍ର ପାଖରେ ଅପେକ୍ଷା କରୁଛନ୍ତି। ଦିନ ୧୧ଟାରୁ ଆହାର କେନ୍ଦ୍ର ଖୋଲା ହେବା ମାତ୍ରେ ଦିନ ଗୋଟାଏରୁ ଦେଢ଼ ଘଣ୍ଟା ସରୁଥିବାରୁ ଲୋକେ ଶୀଘ୍ର ଖାଇବା ପାଇଁ ଅପେକ୍ଷା କରି ରହୁଛନ୍ତି। ଏହିପରି ବିଭିନ୍ନ ମନ୍ଦିରରେ ପ୍ରସାଦ ପାଇଁ ମଧ୍ୟ ଗହଳି ହଉଛି। ୮୦ ଟଙ୍କାରୁ ଆରମ୍ଭ ହେଉଥିବା ପ୍ରସାଦ ପାଇଁ ଦିନ ୮ଟାରୁ ପ୍ରସାଦ ପାଇଁ ଲୋକେ ଅର୍ଡ଼ର ଦେଇ ଆସୁଛନ୍ତି। କେବଳ ଏହି ଗ୍ୟାସ ଭାତ ଥାଳିରେ ସୀମିତ ହୋଇ ରହିନାହିଁ। ଫାଷ୍ଟଫୁଡ଼ ଓ ତେଲଛଣା ଖାଦ୍ୟରେ ବି ଦେଖିବାକୁ ମିଳିଛି। ଏହି ସବୁରେ ୧୦ ଟଙ୍କା ଅଧିକ ମଧ୍ୟ ବଢ଼ିଯାଇଛି।

ଏନେଇ ଜାଗମରା ଲେନ୍ ୩ ରେ ରହୁଥିବା ଏକ ମେସ୍‌ର କିଛି ଛାତ୍ରୀ କୁହନ୍ତି ଏବେ ଗ୍ୟାସ ସରିଥିବାରୁ ଆହାର କେନ୍ଦ୍ର ଉପରେ ନିର୍ଭର କରିବାକୁ ପଡୁଛି। ଚୁଲି କିମ୍ବା ଇଣ୍ଡକ୍ସନ ରେ ରୋଷେଇ ପାଇଁ ମାଲିକ ବାରଣ କରିଥିବା ବେଳେ ଏକେ ସପ୍ତାହ ହେଲାଣି ଦିନ ଆଉ ରାତିରେ ବରମୁଣ୍ଡା ଆହାର କେନ୍ଦ୍ର ହିଁ ଏକମାତ୍ର ଭରସା ପାଲଟିଛି ବୋଲି ସେମାନେ କହିଛନ୍ତି। ଆହୁରି ମଧ୍ୟ କହିଛନ୍ତି କି ଯଦି ଅଧିକ ଦିନ ଏହି ସମସ୍ୟା ରହେ ତେବେ ଗାଁ କୁ ଯିବା ହିଁ ଏକମାତ୍ର ଉପାୟ ବୋଲି ସେମାନେ କହିଛନ୍ତି।

● ମୁଣ୍ଡମୁହାଣରେ ରାମ ନାଟକ

## ଦ୍ୱିତୀୟ ସନ୍ଧ୍ୟାରେ ତାଡ଼କା, ସୁବାହୁ ବଧ



ଯାଁଳା, ୨୮ ।୩(ସମିସ): ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ ଯାଁଳା ପଞ୍ଚାୟତର ମୁଣ୍ଡମୁହାଣ ଗ୍ରାମର ଶ୍ରୀ ଶ୍ରୀ ରଘୁନାଥଙ୍କ ପୀଠରେ ଆଜକୁ ୮୧ ବର୍ଷ ଧରି କ୍ରମାଗତ ଭାବେ ପ୍ରଦର୍ଶିତ ହେଉଥିବା ସ୍ୱର୍ଗତ ପ୍ରଭାକର ମହାପାତ୍ରଙ୍କ ବିରଚିତ ରାମଲୀଳା ନାଟକ ଶ୍ରୀ ଶ୍ରୀ ରଘୁନାଥ ଦେବ ନାଟ୍ୟ ପରିଷଦର କୁଶଳୀ କଳାକାରମାନଙ୍କ ଅଭିନୟକୁ ଆଧାର କରି ନାଟକ ପରିବେଷଣ ହୋଇଛି, ଆଜି ଦ୍ୱିତୀୟ ଦିନରେ ରାମ ପାଠ ପଢ଼ା ଓ ତାଡ଼କା, ସୁବାହୁ ବଧ ଦୃଶ୍ୟ ଅତ୍ୟନ୍ତ ଜୀବନ୍ତ ଭାବେ ପ୍ରଦର୍ଶିତ ହୋଇଥିଲା। ନାଟକରେ ବିଭିନ୍ନ ଭୂମିକାରେ, ବିଜୟ ବାରିକ୍ (ରାମ), ସୁନୀଲ୍ ମଙ୍ଗରାଜ (ଲକ୍ଷ୍ମଣ), ପ୍ରମୋଦ ମହାପାତ୍ର (ତାଡ଼କା), ସଞ୍ଜୟ ପରିଡ଼ା (କୌଶଲ୍ୟା), କୁଶ ମହାପାତ୍ର (ମାରୀଚ), ଗଗନ ସ୍ୱାଇଁ (ସୁବାହୁ), ଅନୀଲ୍ ପରିଡ଼ା (ଭରତ), ବେଣୁଧର (ଜନକ), କୁନା ପ୍ରଧାନ (ଜନକରାଣୀ), ରବୀନ୍ଦ୍ର ବାରିକ୍ (ବିଶ୍ୱାମିତ୍ର), ପ୍ରମୁଖ କଳାକାରଙ୍କ ଅଭିନୟ କରିଥିଲେ।

## ଗବେଷଣା ସହଭାଗିତା ନେଇ ସୋଆ ଏବଂ ସିସିଆର୍‌ଏସ୍-ସିଏଆରଆଇ ମଧ୍ୟରେ ବୁଝାମଣା

ଭୁବନେଶ୍ୱର, ୨୮ ।୩(ସମିସ): ଆର୍ୟୁବେଦ ବିଜ୍ଞାନ କ୍ଷେତ୍ରରେ ଗବେଷଣା ସହଭାଗିତା ନେଇ ସୋଆ ବିଶ୍ୱବିଦ୍ୟାଳୟ ଏବଂ ଭୁବନେଶ୍ୱର ସ୍ଥିତ ସେଣ୍ଟ୍ରାଲ କାଉନ୍‌ସିଲ୍ ଫର ରିସର୍ଚ୍ଚ ଇନ୍ ଆର୍ୟୁବେଦିକ ସାଇନ୍‌ସେସ୍ (ସିସିଆର୍‌ଏଏସ୍) ଅଧିନସ୍ଥ ସେଣ୍ଟ୍ରାଲ ଆର୍ୟୁବେଦ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ଅର୍ଥାତ୍ କେନ୍ଦ୍ରୀୟ ଆର୍ୟୁବେଦ ଗବେଷଣା ଅନୁଷ୍ଠାନ ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି। ଏହି ବୁଝାମଣା ଅନୁଯାୟୀ ଆର୍ୟୁବେଦ ତୈଳ ପ୍ରସ୍ତୁତି ନେଇ ସୋଆ ଏବଂ ସିଆରଆଇ ଦୁଇବର୍ଷ ଧରି ଏକତ୍ରିତ ଭାବେ ଗବେଷଣା ପ୍ରକଳ୍ପରେ କାର୍ଯ୍ୟ କରିବେ। ଏହି ପ୍ରକଳ୍ପଟିକୁ ସିସିଆରଏଏସ-ସିଏଆରଆଇ ଅନୁଦାନ ପ୍ରଦାନ କରିଥିବା ବେଳେ ଗବେଷଣା କାର୍ଯ୍ୟଗୁଡ଼ିକ ସୋଆର ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍‌ର ପ୍ରଫେସର ଅନିନ୍ଦ୍ୟ ବୋଷ, ସିସିଆରଏଏସ-ସିଏଆରଆଇର ରିସର୍ଚ୍ଚ ଅଫିସର (ଆର୍ୟୁବେଦ) ଡ. ପୁର୍ଣ୍ଣେନ୍ଦୁ ପଟ୍ଟନାୟକ, ପ୍ରିନ୍ସିପାଲ୍ ଆଡଭାଇଜର ଏବଂ ଏସ୍‌ପିଏସ୍ ଡ. ଶକ୍ତିକେତନ ପୃଷ୍ଟି କୋପ୍ରିନ୍ସିପାଲ୍ ଇନ୍‌ଭେଷ୍ଟିଗେସନ୍ ଭାବେ ନେତୃତ୍ୱ ନେବେ। ସୋଆର ଉପକୁଳପତି ତଥା ରେଜିଷ୍ଟ୍ରାର ପ୍ରଫେସର ବିଭୁତି ଭୂଷଣ ପ୍ରଧାନ ଏବଂ ସିସିଆରଏଏସ-ସିଏଆରଆଇର ନିର୍ଦ୍ଦେଶକ ଡ. ଏମ.ଏମ୍ ରାଓଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା। ଡକ୍ଟର ରାଓଙ୍କୁ ସିସିଆରଏଏସ୍ ପକ୍ଷରୁ ପ୍ରୋଜେକ୍ଟ କୋଅର୍ଡିନେଟର ଭାବେ କାର୍ଯ୍ୟଭାର ପ୍ରଦାନ କରାଯାଇଛି।

## ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଆପ୍ ପଦାଧିକାରୀଙ୍କ ପ୍ରସ୍ତୁତି



ଭୁବନେଶ୍ୱର, ୨୮ ।୩(ସମିସ): ରାଜ୍ୟରେ ହେବାକୁଥିବା ପଞ୍ଚାୟତ ଓ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ଲୋହିଆ ଏକାଡେମୀଠାରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଦଳୀୟ ପଦାଧିକାରୀମାନଙ୍କର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଜିଲ୍ଲାରୁ ଦଳୀୟ ପଦାଧିକାରୀବୃନ୍ଦ ଯୋଗଦେଇ ଆଗାମୀ ନିର୍ବାଚନକୁ ଦୃଢ଼ତାର ସହ ଲଢ଼ିବା ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ। ଏହି ବୈଠକରେ ରାଜ୍ୟ ପ୍ରଭାରୀ ତଥା ଦିଲ୍ଲୀ କ୍ୟାଣ୍ଟ୍ ବିଧାୟକ ବୀରେନ୍ଦ୍ର ସିଂ କାଡିଆନ୍ ଯୋଗଦେଇ ସମସ୍ତ ପଦାଧିକାରୀଙ୍କୁ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ତୃଣମୂଳସ୍ତରରୁ ସଂଗଠନକୁ ବ୍ୟାପକ କରିବା ଏବଂ ଜନସମସ୍ୟା ସହ ଯୋଡ଼ି ହୋଇ ରହିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ହସ୍ତଗତ ହୋଇଥିବା ପ୍ରାର୍ଥୀ ଏବଂ ନିର୍ବାଚନୀ କ୍ଷେତ୍ର ସମ୍ପର୍କିତ ସମୀକ୍ଷା କରି ପ୍ରଭାରୀ କାଡିଆନ ଜନତାଙ୍କ ଆସ୍ଥା ଭାଜନ ପାଇଁ ଏବେ ଠାରୁ ଅଞ୍ଚଳ ଓ ଅଞ୍ଚଳବାସୀଙ୍କ ସମସ୍ୟାକୁ ପ୍ରତ୍ୟକ୍ଷ ଭାବେ ସମାଧାନ କରିବା ପାଇଁ ଆହ୍ୱାନ ଦେଇଥିଲେ। ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର କହିଥିଲେ ଯେ ସାମ୍ପ୍ରତିକ ପରିସ୍ଥିତିରେ ଆମ୍ ଆଦ୍‌ମୀ ପାର୍ଟିକୁ ଜନତାଙ୍କ ସ୍ୱାର୍ଥରକ୍ଷା ଉଦ୍ଦେଶ୍ୟରେ ବିକଳ୍ପ ଭାବେ ଗଢି ତୋଳିବାକୁ ରାଜ୍ୟ ସଭାପତି ସମସ୍ତ ପଦାଧିକାରୀଙ୍କୁ ଆହ୍ୱାନ ଜଣାଇଥିଲେ। ଏହି ସମୀକ୍ଷା ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ସୌମ୍ୟ ରଞ୍ଜନ ସ୍ୱାଇଁ, ଭୁବନେଶ୍ୱର ଜିଲ୍ଲା ସଭାପତି ଜୟସୂର୍ଯ୍ୟ କାନୁନଗୋ, ସଂଗଠନ ସମ୍ପାଦକ ସନ୍ଦୀପ୍ତ ଦାସ୍, କଲ୍ୟାଣ ଆନନ୍ଦ ପ୍ରମୁଖ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ସଫଳତାର ସହ ଲଢ଼ିବା ପାଇଁ ଦୃଢ଼ ନିଷ୍ପତ୍ତି ଗ୍ରହଣ କରିଥିଲେ।

## ମହେଶ୍ୱର ଦତ୍ତଙ୍କ ପରଲୋକ



ଭୁବନେଶ୍ୱର, ୨୮ ।୩(ସମିସ): ଜଗତସିଂହପୁର ପୌରାଞ୍ଚଳ ବଡ଼ବାଗ ଗ୍ରାମର ଧର୍ମପରାୟଣ ବ୍ୟକ୍ତି ମହେଶ୍ୱର ଦତ୍ତଙ୍କ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୩ ବର୍ଷ ହୋଇଥିଲା। ଦୀର୍ଘ ବର୍ଷ ଧରି ସେ ବଡବାଗ ତନ୍ତୁବାୟ ସହଯୋଗ ସମିତି ଅନୁଷ୍ଠାନରେ କାର୍ଯ୍ୟ ନିର୍ବାହ କରି ଅବସର ଗ୍ରହଣ କରିଥିଲେ। ଅନ୍ତିମଶଯ୍ୟା ନିକଟରେ ବଡ ପୁଅ ରଞ୍ଜନ, ସାନ ପୁଅ ସଞ୍ଜୟ, ଝିଅ ବିଜୟଲକ୍ଷ୍ମୀ, ଜ୍ୱାଇଁ ମନୋଜ ମଣ୍ଡଳ ଓ ଅନ୍ୟ ଜ୍ଞାତି ପରିଜନ ଉପସ୍ଥିତ ରହିଥିଲେ।

## ଭୁବନେଶ୍ୱର ରନ୍‌ୱେ ୱିକ୍ ସିଜନ୍-୧୪ରେ ରୋଜି ଆହଲୁୱାଲିଆଙ୍କ ଡିଜାଇନ୍



ଭୁବନେଶ୍ୱର, ୨୮ ।୩(ସମିସ): ଭୁବନେଶ୍ୱର ରନ୍‌ୱେ ୱିକ୍ ସିଜନ୍-୪ ସ୍ଥାନୀୟ ଏକ ହୋଟେଲରେ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଦିବସରେ ଭାରତୀୟ ଫ୍ୟାସନ୍ ଦୁନିଆରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ରୋଜି ଆହଲୁୱାଲିଆର ଡିଜାଇନ୍ ପ୍ରଦର୍ଶିତ ହୋଇଯାଇଛି। ହନି ସିଂ, ଉର୍ବଶୀ ରୌତେଲା, ଶିବାଦୀ କଶ୍ୟପ୍, ସୋଫି ଚୌଧୁରୀ, ନର୍ଗିସ୍ ଫକ୍ରୀ ପ୍ରମୁଖ ଆଗ ଧାଡ଼ିର ସେଲିବ୍ରିଟିଙ୍କ ସହ ରୋଜି ସିନେମାରେ କାମ କରିଛନ୍ତି। କାନସ୍ ଫିଲ୍ମ ଫେଷ୍ଟିଭାଲ ଏବଂ ଓସ୍କାର ଭଳି ବଡ଼ ମଞ୍ଚରେ ମଧ୍ୟ ସେ ନିଜର କଲେକସନ୍ ପ୍ରଦର୍ଶନ କରିଛନ୍ତି। ବର୍ତ୍ତମାନ ସେ ବ୍ରିକସ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ର ଫ୍ୟାଶନ୍ ଆଣ୍ଡ ଟେକ୍ସଟାଇଲ ବିଭାଗରେ ଭାଇସ୍ ପ୍ରେସିଡେଣ୍ଟ ଭାବେ ଦାୟିତ୍ୱ ତୁଲାଇଛନ୍ତି। ତେବେ ରୋଜିଙ୍କ ବ୍ରାଇଡାଲ ଓ ଅକେଜନ୍ ୱେୟାର କୁ ସମସ୍ତେ ପସନ୍ଦ କରୁଥିବା ବେଳେ ସୂକ୍ଷ୍ମ କାରୁକାର୍ଯ୍ୟ, ବିସ୍ତୃତ ସାଜସଜ୍ଜା, ଅକାର୍ଷଣୀୟ ଆଉଟଲାଇନ୍ ତାଙ୍କ ଡିଜାଇନର ସ୍ୱତନ୍ତ୍ରତାକୁ ପ୍ରମାଣିତ କରିଥାଏ। ଭୁବନେଶ୍ୱରରେ ଆରମ୍ଭ ହୋଇଥିବା ଏହି ଫ୍ୟାସନ୍ କାର୍ଯ୍ୟକ୍ରମରେ ପ୍ରଦର୍ଶିତ ରୋଜିଙ୍କ ଡିଜାଇନ୍ ସମସ୍ତଙ୍କୁ ଆକର୍ଷିତ କରୁଛି।

## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପରିଦର୍ଶନ କଲେ ମାନବାଧିକାର କମିସନ



ଭୁବନେଶ୍ୱର, ୨୮ ।୩(ସମିସ): ଜାତୀୟ ମାନବାଧିକାର କମିସନର ମନିଟର୍ ପ୍ରଫେସର କହ୍ନେୟା ତ୍ରିପାଠୀ ଶନିବାର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପରିଦର୍ଶନ କରିଛନ୍ତି। ଏଥିସହିତ ସେ ଲିଙ୍ଗଗତ ସମାନତା ଆଦି ଉପରେ ଅଧିକ ଗୁରୁତ୍ୱ ଦେବା ସହ ପ୍ରତିଷ୍ଠାନ ପରିସରରେ ମାନବାଧିକାର ପ୍ରକୋଷ୍ଠ କରିବାକୁ ସେ ପରାମର୍ଶ ଦେଇଥିଲେ। ପ୍ରତିଷ୍ଠାନର ସଂସ୍କୃତିକ ବ୍ୟାପାର କମିଟି ନିୟମିତ ବ୍ୟବଧାନରେ ମାନବାଧିକାର ସମ୍ପର୍କିତ କାର୍ଯ୍ୟ କରିବାକୁ ନିବେଦନ କରିଥିଲେ। ପ୍ରତିଷ୍ଠାନର ଅଧକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀଙ୍କ ନେତୃତ୍ୱରେ ଅଧ୍ୟାପନା ମଣ୍ଡଳୀ ତାଙ୍କୁ ସ୍ୱାଗତ କରିଥିଲେ। ସେ ବିଭିନ୍ନ ଛାତ୍ରାବାସ ପରିଦର୍ଶନ କରିବା ସହ ୱାର୍ଡ଼େନ୍‌ମାନଙ୍କ ସହ ଆଲୋଚନା କରିଥିଲେ।

## ବିଜେବି ଆଲୁମନି ଆସୋସିଏସନ ପକ୍ଷରୁ ସଫେଇ ଅଭିଯାନ

ଭୁବନେଶ୍ୱର, ୨୮ ।୩(ସମିସ): ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଆଲୁମନି ଆସୋସିଏସନର ନବନିର୍ବାଚିତ କାର୍ଯ୍ୟକାରିଣୀ ସଦସ୍ୟମାନେ ଶପଥ ଗ୍ରହଣ କରିଛନ୍ତି। ଶପଥ ଗ୍ରହଣ ପରେ ସେମାନେ ତାଙ୍କର ପ୍ରଥମ କାର୍ଯ୍ୟ ଭାବେ କଲେଜ ପରିସର ସଫେଇ ଅଭିଯାନ ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଥମେ ବିଜେବି ଫ୍ରେଣ୍ଡ୍‌ସର ପରଲୋକଗତ ସମସ୍ତ ଆଲୁମିନା ସଦସ୍ୟମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଗୋଟିଏ ମିନିଟ୍ ନିରବତା ପ୍ରାର୍ଥନା କରାଯାଇଥିଲା। ଏହାପରେ ରାମନବମୀ ଅବସରରେ ଆଲୁମନି ଆସୋସିଏସନର ପ୍ରାୟ ୪୦ରୁ ଅଧିକ ସଦସ୍ୟ କଲେଜ ପ୍ରାଙ୍ଗଣକୁ ସ୍ୱଚ୍ଛ କରିବା ପାଇଁ ଯୋଗଦେଇଥିଲେ। ଆଲୁମିନି ଆସୋସିଏସନର ସଦସ୍ୟମାନେ ଆଗାମୀ ଦିନରେ ମଧ୍ୟ ଏଭଳି ସେବାମୂଳକ କାର୍ଯ୍ୟ ଜାରି ରଖିବା ସହ କଲେଜର ଉନ୍ନତି ଓ ସମାଜର ମଙ୍ଗଳ ପାଇଁ ସଦା ନିବେଶିତ ରହିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଅସାଧାରଣ ଉପଲବ୍ଧି ହିଁ ଭଲ ଗପର ଉତ୍ସ



ଭୁବନେଶ୍ୱର, ୨୮ ।୩(ସମିସ): ସୃଷ୍ଟି ଗଳ୍ପମୟ ଗୋଟିଏ ଅସାଧାରଣ ଉପଲବ୍ଧିରୁ ଗପ ଉତୁରି ଆସେ। ଚାରିପାଖର ଦୃଶ୍ୟ, କୋଳାହଳ ଓ ଚରିତ୍ରରୁ ଗପର ଉପାଦାନ ସଂଗ୍ରହ କରନ୍ତି ବୋଲି କଥାଶିଳ୍ପୀ ଡ. ଅଭୟ ବାରିକ ଉଲ୍ଲେଖ କରିଛନ୍ତି। ଶନିବାର ସନ୍ଧ୍ୟାରେ ଜୟଦେବ ଭବନରେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମରେ ଯୋଗ ଦେଇ 'ମୋ ସୃଜନ, ମୋ ଜୀବନ' ଶୀର୍ଷକ ବକ୍ତବ୍ୟ ରଖି ଡ଼. ବାରିକ ତାଙ୍କ ଗଳ୍ପ ଲିଖନର ପୃଷ୍ଠଭୂମି ଓ କଥା ଯାତ୍ରା, ସ୍ମରଣୀୟ ଅତୀତ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ର ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ ଆରମ୍ଭରେ ସ୍ୱାଗତ ସୂଚନା ଓ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲା ବେଳେ ଡା. ଜୀବନକୃଷ୍ଣ ମିଶ୍ର ବେଦ ପାଠ କରିଥିଲେ। 'ଏ ମାସର କବି' ଭାବରେ ଉପସ୍ଥିତ ରହି ଅଂଶୁମାନ ସାହୁ କବିତା ପାଠ କରିଥିଲେ। ପରେ ଅନୁଷ୍ଠିତ କବିତା ପାଠୋତ୍ସବରେ ମଧୁମିତା ମିଶ୍ର ଓ ଶ୍ୟାମା, କିଙ୍କର ମହାନ୍ତିଙ୍କ ମିଳିତ ସଂଯୋଜନାରେ ବିଜୟ ମହାପାତ୍ର, ଅଲେଖ ରାଉତ, ବୀଣାପାଣି ମିଶ୍ର, ଶୈଳେନ୍ଦ୍ର ଜେନା, ପ୍ରମୋଦ ପ୍ରଧାନ, ଇତିଶ୍ରୀ ପତି ପ୍ରମୁଖ କବିତା ପାଠ କରିଥିଲେ। ଉପସଭାପତି ବିଭୁତି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଅର୍ଗସ ନ୍ୟୁଜ୍ ଟୁରିଜିମ୍ କନକ୍ଲେଭ 'ଚଲୋ ଦେଖେଁ ଅପନା ଦେଶ ସିଜନ୍-୫'



ଭୁବନେଶ୍ୱର, ୨୮ ।୩(ସମିସ): ଅର୍ଗସ ନ୍ୟୁଜ୍ ପକ୍ଷରୁ ଟୁରିଜିମ୍ କନକ୍ଲେଭ- ଚଲୋ ଦେଖେଁ ଅପନା ଦେଶ ସିଜନ୍-୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ ଦେଇ ରାଜ୍ୟର ପର୍ଯ୍ୟଟନର ବିକାଶ ପାଇଁ ଲକ୍ଷ୍ମୀ କରିଡର୍ ଏବଂ ଅଷ୍ଟସମ୍ଭୁ କରିଡର୍‌କୁ ଗୁରୁତ୍ୱ ଦିଆଯାଉଛି ବୋଲି କହିଥିଲା ବେଳେ ସମ୍ମାନିତ ଅତିଥି ଭାବେ ଏକାମ୍ର ଭୁବନେଶ୍ୱରର ବିଧାୟକ ବାବୁ ସିଂ ମନ୍ଦିର ପର୍ଯ୍ୟଟନରେ ଅପାର ସମ୍ଭାବନା ଥିବା କହିଛନ୍ତି। ସେହିପରି ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ ସୁଦର୍ଶନ ସାହୁ ଯୋଗ ଦେଇଥିଲେ। ମୋଟ୍ ୩ଟି ସେସନରେ ଓଡ଼ିଶାରେ ପର୍ଯ୍ୟଟନର ବିକାଶ ନେଇ ବିଶେଷ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। 'ବିକଶିତ ଓଡ଼ିଶା: ଭାରତର ପରବର୍ତ୍ତୀ ପର୍ଯ୍ୟଟନ ଅଭିବୃଦ୍ଧିର ଇଞ୍ଜିନ୍' ଆଲୋଚନାଚକ୍ରରେ ଭାଗ ନେଇଥିଲେ ସ୍ୱସ୍ତି ଗ୍ରୁପର ଚେୟାରମ୍ୟାନ ଜେ.କେ. ମହାନ୍ତି, ଦି କ୍ରାଉନ୍ ଆଇଏଚ୍‌ସିଏଲ୍‌ର ଏମଡି ଦେବାଶିଷ ପଟ୍ଟନାୟକ, ଟ୍ରାଭେଲ ଲିଙ୍କ୍ ପ୍ରତିଷ୍ଠାତା ବେଞ୍ଜାମିନ୍ ସାଇମନ୍ ଏବଂ ଗଞ୍ଜାମସ୍ଥିତ ରମ୍ଭା ପ୍ୟାଲେସର ଆର୍କିଟେକ୍ଟ ଅନୁତୋଷ କାନୋରିଆ। 'ଭାରତୀୟ ପର୍ଯ୍ୟଟନ ପାଇଁ ଆହ୍ୱାନ, ବିକଳ୍ପ ଏବଂ ଆଗାମୀ ପଥ' ଶୀର୍ଷକରେ ଦ୍ୱିତୀୟ ଅଧିବେଶନରେ ଆଲୋଚନାରେ ଭାଗ ନେଇଥିଲେ ହୀରାକୁଦ ବନ୍ୟ ପ୍ରାଣୀ ଡିଭିଜନର ଡିଏଫ୍‌ଓ ଅଂଶୁ ପ୍ରଜ୍ଞା ଦାସ, ଏଡିଟିଓଆଇର ସଭାପତି ପୁଷ୍ପେନ୍ଦ୍ର ପାଲ ଖାନ୍ନା, ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ଏବଂ ପ୍ରତିଷ୍ଠିତ ସ୍କୁବା ଡାଇଭର ସବୀର ବକ୍ସ। ଶେଷରେ 'ଓଡ଼ିଶାରୁ ଭାରତ: ଏକ ସ୍ମାର୍ଟ ଓ ସମାବେଶୀ ପର୍ଯ୍ୟଟନ ଅଭିମୁଖେ' ପ୍ରସଙ୍ଗରେ ଚର୍ଚ୍ଚା ଆଲୋଚନା କରିଛନ୍ତି ଟୁରିଜିମ୍ ଇଣ୍ଡିଆ ଆଲାଏନ୍ସର ସଭାପତି ଜଗଦୀପ ଭଗତ୍, ଓଏଫ୍‌ଡିସିର ନିର୍ଦ୍ଦେଶକ ଭାନୁମିତ୍ର ଆଚାର୍ଯ୍ୟ, ୱାଲଡେନ୍ ଉଡସ୍ ଫାଉଣ୍ଡେସନର ପ୍ରତିଷ୍ଠାତା ରାମକୃଷ୍ଣ ଦାସ। ଟୁରିଜିମ୍ କନକ୍ଲେଭର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ଅର୍ଗସ ନ୍ୟୁଜର ସିଇଓ ପ୍ରକାଶ ସାହୁ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱାଗତ ଭାଷଣ ରଖିଥିଲେ ଅର୍ଗସ ନ୍ୟୁଜର ଏକଜିକ୍ୟୁଟିଭ ଏଡିଟର ଦୁର୍ଗାଶିଷ।

# ପୌରାଣିକ କାହାଣୀ କହୁଛି କାନ୍ଥ

**ଚିତ୍ରରେ ବିଦ୍ୟାପତି ଏବଂ ଶବର ରାଜକନ୍ୟା ଲଳିତାଙ୍କ ସାକ୍ଷାତ**

ଭୁବନେଶ୍ୱର, ୨୮ ।୩(ସମିସ): ପ୍ରେମ ନୈସର୍ଗିକ। ଏଥିରେ ଛଳନା ଓ ସ୍ୱାର୍ଥର ଲେଶମାତ୍ର ସ୍ଥାନ ନାହିଁ। ଶାସ୍ତ୍ରଜ୍ଞ ବିଦ୍ୱାନ ବ୍ରାହ୍ମଣ ବିଦ୍ୟାପତି ଏକଥା ଜାଣି ମଧ୍ୟ ଶବର କନ୍ୟା ଲଳିତାଙ୍କ ସହ ଛଳନାର ଆଶ୍ରୟ ନେଇ ପ୍ରେମବିବାହ କରିଛନ୍ତି। ନୀଳମାଧବଙ୍କ ସନ୍ଧାନ ପାଇଁ ରାଜାଜ୍ଞା ପାଳନ ଆଗରେ ଏହି ଦୋଷାବହ ଓ ଅନୈତିକ କାର୍ଯ୍ୟକୁ ମାନସିକ ସ୍ତରରେ ସ୍ୱୀକାର କରି ନେଇଛନ୍ତି ବିଦ୍ୟାପତି। ଲଳିତା ଓ ବିଦ୍ୟାପତିଙ୍କ ପ୍ରେମ କାହାଣୀ ଠାରୁ ଆରମ୍ଭ କରି ନୀଳମାଧବଙ୍କୁ ଦର୍ଶନ କରିବାରେ ବିଦ୍ୟାପତିଙ୍କୁ ଲଳିତାଙ୍କ ସହଯୋଗ, ନୀଳକନ୍ଦରକୁ ରହସ୍ୟାବୃତ୍ତ ରଖିବା ପାଇଁ ବିଦ୍ୟାପତିଙ୍କ ଆଖିରେ ପୁଟୁଳି ଆଦି ଅନେକ ପୌରାଣିକ ଗାଥା ବଖାଣୁଛି ପାଚେରି। ଏମାନଙ୍କ ଚରିତ୍ର ଜରିଆରେ କାଳର କଳାପଟାରେ ଲେଖି ହୋଇଯାଇଛି ପ୍ରେମ, ଛଳନା, ରାଜଭକ୍ତି, ବାତ୍ସଲ୍ୟ ସ୍ନେହ ଓ ସର୍ବୋପରି ବିଭୁ ଚେତନାର କାଳଜୟୀ ସଂଳାପମାନ। ଏହି କାହାଣୀ ଗୁଡ଼ିକୁ ରଙ୍ଗ ଓ ତୂଳୀରେ ଜୀବନ୍ତ କରିଛନ୍ତି ଶିଳ୍ପୀମାନେ। ଏଭଳି ଏକ ନିଆରା ଚିତ୍ର ଦେଖିବାକୁ ମିଳିଛି ଝାରପଡ଼ା ପତିତପାବନ ଦେବ ମନ୍ଦିର ନିକଟସ୍ଥ ପାଚେରୀରେ।

ୱାର୍ଡ ନମ୍ବର ୩୨ ଅଧୀନରେ ରହିଥିବା ଝାରପଡ଼ା ଗାଁ ଭିତରକୁ ପ୍ରବେଶ କଲେ ଏଠାରେ ରହିଛି ପ୍ରାୟ ୧୦୦ବର୍ଷ ପୁରୁଣା ପତିତପାବନ ମନ୍ଦିର। ଯେଉଁଠାରେ ମହାପ୍ରଭୁ ଜଗନ୍ନାଥ ପୂଜା ପାଉଛନ୍ତି। ହେଲେ ଏହି ଐତିହ୍ୟ ମନ୍ଦିରଟି ଦେବତ୍ତୋର ଅଧୀନରେ ରହିଥିଲେ ମଧ୍ୟ ପ୍ରାୟ ୩୦ ବର୍ଷ ପରେ ଏହାର ପୁନ୍ନରୁଦ୍ଧାର କରାଯାଇଛି। ମନ୍ଦିର ପରିସରରେ ନୂତନ କରି ମା' ଲକ୍ଷ୍ମୀଙ୍କ ମନ୍ଦିର ମଧ୍ୟ ପ୍ରତିଷ୍ଠା କରାଯାଇଛି। ମନ୍ଦିରଟି ଏହି ଅଞ୍ଚଳର ପରିଚୟ ପାଲଟିଥିବା ବେଳେ ଏହାର ମହତ୍ତ୍ୱକୁ ଆହୁରୀ ବୃଦ୍ଧି କରିବା ପାଇଁ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଏଠାରେ ରହିଥିବା ପାଚେରୀ, କାନ୍ଥ ଆଦିରେ ପୌରାଣିକ କାହାଣୀକୁ ଚିତ୍ର ମାଧ୍ୟମରେ ଦର୍ଶାଯାଇଛି। ସହରର ସୌନ୍ଦର୍ଯ୍ୟୀକରଣ ପାଇଁ ସରକାରୀ ସ୍ତରରେ ବିଭିନ୍ନ ସ୍ଥାନରେ କାନ୍ଥ ବାଡ଼କୁ ଚିତ୍ରିତ କରାଯାଇଥିବା ବେଳେ ଏଠାରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଏଭଳି ପ୍ରୟାସ କରାଯାଇଥିବାରୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଚତୁର ବିଦ୍ୟାପତି ଏକ ଛିଦ୍ରଯୁକ୍ତ ମୁଣାରେ ସୋରିଷ ନେଇ ଲଳିତାଙ୍କୁ ଅନୁସରଣ କରିବାର ଚିତ୍ର ହେଉ ଅବା ମନ୍ତ୍ରୀ ବିଦ୍ୟାପତି ଏବଂ ଶବର ରାଜକନ୍ୟା ଲଳିତାଙ୍କ ସାକ୍ଷାତ, ପ୍ରଭୁ ନୀଳମାଧକବଙ୍କ ସନ୍ଧାନ ନିମନ୍ତେ ବିଦ୍ୟାପତିଙ୍କୁ ଆଦେଶ, ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ନୀଳମାଧାବଙ୍କ ସ୍ୱପ୍ନ ସଂଦେଶ, ଶବର ରାଜ୍ୟା ବିଶ୍ୱାବସୁ ପ୍ରଭୁ ନୀଳମାଧବଙ୍କ ଦର୍ଶକନ, ବିଶ୍ୱାବସୁଙ୍କ ଦ୍ୱାରା ବିଦ୍ୟାପତିଙ୍କୁ ନୀଳମାଧବ ଦର୍ଶନ, ଶିଳ୍ପୀ ଅନନ୍ତ ମହାରଣା ଦରୁ୍ରେ ମୂର୍ତ୍ତି ଗଢ଼ିବା ନିମନ୍ତେ ରାଜାଙ୍କ ଅନୁମତି ଆଦି ଅନେକ ଅଲୌକିକ କାହାଣୀକୁ ସୁନ୍ଦର ଭାବରେ ବଖାଣିଛନ୍ତି ଶିଳ୍ପୀମାନେ। ଯାହା କେବଳ ଏହି ଅଞ୍ଚଳର ଶୋଭା ବଢ଼ାଉ ନାହିଁ, ବରଂ ଏହି ରାସ୍ତା ଦେଇ ଯିଏ ଯାଉଛି ସେ ଅଟକିବାକୁ ବାଧ ହେଉଛି। ବିଶେଷ କରି ଅଞ୍ଚଳର ଛୋଟ ପିଲାମାନେ ଏହି ପୌରାଣିକ କାହାଣୀ ସମ୍ପର୍କରେ ଚିତ୍ର ଦ୍ୱାରା ଅବଗତ ହୋଇ ପାରୁଥିବା ପତିତପାବନ ଦେବ ମନ୍ଦିର ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ଏହି ଚିତ୍ର ଗୁଡ଼ିକ ଆଙ୍କିବା ପାଇଁ ଶିଳ୍ପୀମାନଙ୍କୁ ପ୍ରାୟ ୩ମାସ ସମୟ ଲାଗିଥିବା ସେ କହିଛନ୍ତି। ତେବେ ଏହି ଚିତ୍ର ୨ବର୍ଷ ପୂର୍ବରୁ ଅଙ୍କା ଯାଇଥିବା ସୂଚନା ରହିଛି।



